## ଶିଶୁ ସୁରକ୍ଷା ଅଧ୍ୟକ୍ଷାଙ୍କ ଗଞ୍ଜାମ ଗସ୍ତ



**ଗଞ୍ଜାମ,୨୩।୩(ସମିସ):** ରାଜ୍ୟ ଶିଶୁ ସୁରକ୍ଷା ଅଧ୍ୟକ୍ଷା ବବିତା ପାତ୍ର ଗଞ୍ଜାମ ଜିଲ୍ଲାର ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ସହ ନିମନ୍ତ୍ରଣ କ୍ରମେ ଗଞ୍ଜାମ ବ୍ଲକ ଅନ୍ତର୍ଗତ କରପଡ଼ା ଗ୍ରାମରେ ପହଞ୍ଚିଥିଲେ। ଉକ୍ତ ଗ୍ରାମରେ ମା'ବୁଢ଼ୀ ଠାକୁରାଣୀ ଓ ତ୍ରିନାଥ ଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦେବା ସହ ଠାକୁରଙ୍କ ଆଶୀର୍ବାଦ ଲାଭ କରିଥିଲେ। ଚନ୍ଦନା ଦାଶ, କସ୍ତୁରୀ ମିଶ୍ର, ମନସ୍ମିତା ଖୁଣ୍ଟିଆ ପ୍ରମୁଖ ଶିଶୁ ସୁରକ୍ଷା ରାଜ୍ୟ ମହିଳା ସଭ୍ୟା ବୃନ୍ଦ ଯୋଗ ଦେଇଥିଲେ। ଉକ୍ତ ଆଧ୍ୟାତ୍ମିକ କାର୍ଯ୍ୟକ୍ରମର ମୁଖ୍ୟ ଡ଼ଃ. ପ୍ରଶାନ୍ତ କୁମାର ନାୟକଙ୍କ ସହ ମନ୍ଦିର ପ୍ରତିଷ୍ଠା କମିଟିର ସମସ୍ତ କର୍ମକର୍ତ୍ତା ଓ ଗ୍ରାମବାସୀ ତାଙ୍କୁ ସ୍ୱାଗତ ଜଣାଇଥିଲେ।

## ଜିଲ୍ଲାପାଳ ଓ ଏସ୍‌ପିଙ୍କ ଅଭିଯୋଗ ଶୁଣାଣି



**କୋଦଳା,୨୩।୩(ସମିସ):** ବେଗୁନିଆପଡା ବ୍ଲକରେ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର ରଞ୍ଜନ ଜେନା ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୀମା ସ୍ୱାଇଁ, ଏଡିଏମ୍ ପ୍ରମୋଦ କୁମାର ପୃଷ୍ଟି ଯୋଗଦେଇ ଅଭିଯୋଗ ଶୁଣିଥିଲେ। ବ୍ଲକ ଆଗରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତି ସ୍ଥାନାନ୍ତରିତ ନ କରିବାକୁ ଦାବି କରିଥିଲେ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଦୁର୍ଯ୍ୟୋଧନ ଗୌଡ଼। କୋଦଳା ଏନ୍‌ଏସିରେ ଦୁର୍ନୀତି ଏବଂ ବେନିୟମ ଭାବେ କାର୍ଯ୍ୟ କରାଯାଉଥିବା ୫୮ ଟି ଅଭିଯୋଗ କରିଛନ୍ତି କାଉନ୍‌ସିଲର ଭଗବାନ ପାଢ଼ୀ, କୋଦଳା ଏନ୍‌ଏସିରେ ୫ଟି ଅଙ୍ଗନବାଡି କେନ୍ଦ୍ରର ଗୃହ ନଥିବା ଏବଂ କୋଦଳା ଉପନିବନ୍ଧକ ନିଯୁକ୍ତି ପାଇଁ ଦାବି କରିଛନ୍ତି ଉପାଧ୍ୟକ୍ଷା ରଞ୍ଜିତା ସେଠୀ, ବେଗୁନିଆପଡା ଥାନାଠାରୁ ବିରିବାଟିଆ ତିରିଡା ଗ୍ରାମ୍ୟ ଉନ୍ନୟନ ରାସ୍ତା ଦୀର୍ଘଦିନ ହେଲା ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି ଏହାର ନିର୍ମାଣ ପାଇଁ ଦାବି କରିଛନ୍ତି ସାମ୍ବାଦିକ ସୁଶାନ୍ତ ପଟ୍ଟନାୟକ। ନୂତନଭତ୍ତା, ରାସନକାର୍ଡ, ଆବାସ ଗୃହ ଯୋଗାଣ, ମନରେଗା, ଆଦି ବିଷୟରେ ପ୍ରାୟ ୨୨୯ ଟି ଅଭିଯୋଗ ଆସିଥିଲା। ଏଥିରେ ବିଡ଼ିଓ ଦିବ୍ୟ ରଞ୍ଜନ ବିଶ୍ୱାଳ, କୋଦଳା ତହସିଲଦାର ସସ୍ମିତା ଶତପଥି, ଥାନା ଅଧିକାରୀ ଭଗବାନ ପୂଜାରୀଙ୍କ ସମେତ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ, ବ୍ଲକସ୍ତରୀୟ ବିଭାଗୀୟ ଅଧିକାରୀ, ବ୍ଲକ କର୍ମଚାରୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

## ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ



**ପୋଲସରା,୨୩।୩(ସମିସ):** ସୋମବାର ପୋଲସରା ବ୍ଲକ ପରିସରରେ ୨୬ଟି ପଞ୍ଚାୟତରେ ୧୩୪ ଟି ପ୍ରକଳ୍ପ, ଗ୍ରାଣ୍ଟ ଇନ୍ ଏଡ୍ ଅନ୍ତର୍ଗତ ୬୦ଟି ପ୍ରକଳ୍ପ, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ପାଣ୍ଠି ଅନ୍ତର୍ଗତ ୧୩ଟି ପ୍ରକଳ୍ପ, ବିଧାୟକ ପାଣ୍ଠି ଅନ୍ତର୍ଗତ ୨୪ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ପୋଲସରା ବ୍ଲକ ଅଧ୍ୟକ୍ଷା କଳ୍ପନା କୁମାରୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ସାମୂହିକ ଭାବରେ ସମସ୍ତ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହାସହିତ ଜଳ ସେବା ଶିବିର ଓ ପଞ୍ଚାୟତ ସମିତି ଅଧିନସ୍ଥ ଭିଡିଓ କନଫରେନ୍ସ ହଲର ଉଦଘାଟନ କରିଥିଲେ। ପୋଲସରା ବିଡ଼ିଓ ଶଶିଭୂଷଣ ମହାପାତ୍ର ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲାବେଳେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ କାହ୍ନୁଚରଣ ପରିଡ଼ା, ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ବିଷୋୟୀ, ଝୁନୁ ଦାସ, ସାଂସଦ ପ୍ରତିନିଧି ଶରତ ଚନ୍ଦ୍ର ପାଣିଗ୍ରାହୀ, ଯୁବନେତା ପ୍ରଭାକର ପଣ୍ଡାଙ୍କ ସମେତ ୨୬ଟି ପଞ୍ଚାୟତର ସରପଞ୍ଚ ସମିତି ସଭ୍ୟ/ସଭ୍ୟା ଉପସ୍ଥିତ ଥିଲେ।

### ମୁମ୍ବାଇରେ ଓଡ଼ିଆ ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ

# ଗଞ୍ଜେଇ ଚାଲାଣକାରୀ ସନ୍ଦେହରେ ପୁଲିସ ମାରିଦେଇଥିବା ଅଭିଯୋଗ

**ସୋରଡ଼ା,୨୩।୩(ସମିସ):**



ସୋରଡ଼ା ଥାନା ଗେଞ୍ଜା ପଞ୍ଚାୟତ କୈଳାଶପୁର ଗ୍ରାମର ଜଣେଦିବ୍ୟାଙ୍ଗ ଶ୍ରମିକଙ୍କ ମୁମ୍ବାଇରେ ମୃତ୍ୟୁ ଘଟିଛି। ମୃତକ ହେଲେ ଦଣ୍ଡାସୀ ସେଠୀ(୩୨)। ସେ ଦୀର୍ଘବର୍ଷ ହେଲା ହାଇଦରାବାଦର ଏକ ଚକୋଲେଟ୍ କମ୍ପାନୀରେ କାମ କରୁଥିଲେ। ତେବେ ଗଞ୍ଜେଇ ଚାଲାଣକାରୀ ସନ୍ଦେହରେ ମୁମ୍ବାଇ ପୁଲିସ ତାଙ୍କୁ ଉଠାଇ ନେଇ ନିର୍ଯାତନା ଦେବା ସହ ମାରିଦେଇ ଆତ୍ମହତ୍ୟାର ରୂପ ଦେଇଛି ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ରବିବାର ରାତିରେ ତାଙ୍କ ମୃତଦେହ ଗାଁରେ ପହଞ୍ଚିଥିଲା। ଶୋକାକୁଳ ପରିବେଶରେ ଗାଁ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା। ସୂଚନା ମୁତାବକ, ହାଇଦରାବାଦର ଏକ ଚକୋଲେଟ କମ୍ପାନୀରେ ଗତ ତିନି ବର୍ଷ ହେବ ଦଣ୍ଡାସୀ କାର୍ଯ୍ୟ କରୁଥିଲେ। ତିନି ମାସ ତଳେ ଗାଁକୁ ଆସି ସ୍ତ୍ରୀ ଦୀପା ସେଠୀ ଓ ଚାରି ବର୍ଷର ଝିଅ ଓ ଦେଢ଼ ବର୍ଷର ପୁଅକୁ ଦେଖି ପୁଣି ଫେରିଯାଇଥିଲେ। ହେଲେ ଫେରିବା ବେଳେ ଗଞ୍ଜେଇ ଚୋରା ଚାଲାଣକାରୀ ସନ୍ଦେହରେ ପୁଲିସ ଧରିନେଇଥିଲା। ସେଠାରୁ ମୁମ୍ବାଇ ଜେଲ୍ ହାଜତକୁ ନେଇ ଅକଥନୀୟ ନିର୍ଯାତନା ଦେଇଥିବା ସହିତ ଗତ ୧୮ ତାରିଖରେ ଜେଲ କର୍ତ୍ତୃପକ୍ଷଙ୍କ ଦ୍ୱାରା ପିଟି ପିଟି ମାରିଦେଇ ହତ୍ୟାର ରୂପ ଦେବାକୁ ଲାଟିନ୍‌ରେ ଝୁଲନ୍ତା ଅବସ୍ଥାରେ ମୃତ୍ୟୁ ହୋଇଥିବା ସୂଚନା ଦେଇଥିଲେ ସ୍ତ୍ରୀଙ୍କୁ। ଏହାକୁ ଦଣ୍ଡାସୀଙ୍କ ସ୍ତ୍ରୀ ସହଜରେ ଗ୍ରହଣ କରିପାରିନଥିଲେ। କାରଣ ଜଣେ ଦିବ୍ୟାଙ୍ଗ କିପରି ଲାଟିନ ହୁକ୍‌କୁ ହାତ ବଢ଼ାଇ ନିଜକୁ ଝୁଲାଇ ପାରିବ। ତେଣୁ ପୁଲିସ ତାଙ୍କୁ ଗଞ୍ଜେଇ ଚୋରାଚାଲାଣ ମାମଲାରେ ଥାର୍ଡଡିଗ୍ରୀ ଦେଇ ମାରିଦେଇ ଆତ୍ମହତ୍ୟାର ରୂପ ଦେବାକୁ ଚେଷ୍ଟା କରିଛି ବୋଲି ସ୍ତ୍ରୀ ଓ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଦଣ୍ଡାସୀ ଚକୋଲେଟ କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିବା ନେଇ ତାଙ୍କ ସ୍ତ୍ରୀ ଭିଡ଼ିଓ କଲ ଯୋଗେ ଦେଖିଥିବା କହିଛନ୍ତି। ଦଣ୍ଡାସୀ ତାଙ୍କ ପରିବାର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିବାବେଳେ ତାଙ୍କ ମୃତ୍ୟୁ ପରେ ଏବେ ସମ୍ପୂର୍ଣ୍ଣ ପରିବାର ବେସାହାରା ହୋଇପଡିଛି। ତେଣୁ ଏହାର ସତ୍ୟାସତ୍ୟ ତଦନ୍ତ କରିବା ସହ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ମୃତକଙ୍କ ସ୍ତ୍ରୀ ପ୍ରଶାସନ ନିକଟରେ ଦାବି କରିଛନ୍ତି।

### ସ୍ଥାୟୀ ନିଯୁକ୍ତି ଦାବି

# ଅସ୍ଥାୟୀ କର୍ମଚାରୀଙ୍କ ଗଣଧାରଣା



**ଆସିକା,୨୩।୩(ସମିସ):** ଆସିକା ସମବାୟ ଚିନି ଶିଳ୍ପ ମୁଖ୍ୟ ଫାଟକ ସମ୍ମୁଖରେ ତିନି ଦଫା ଦାବି ନେଇ ଶତାଧିକ ଅସ୍ଥାୟୀ କର୍ମଚାରୀ ଧାରଣାରେ ବସିଛନ୍ତି। ଦୀର୍ଘଦିନ ହେଲା ୧୦୫ ଜଣ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି, କାରଖନା ବକେୟା ଥିବା ୩ ବର୍ଷର ବୋନସ୍ ରାଶି ପ୍ରଦାନ ସାଙ୍ଗକୁ ବରିଷ୍ଠତା ଓ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ପ୍ରଦାନ କରିବାକୁ ଦାବି କରିଛନ୍ତି। କାରଖାନା ପରିଚାଳନା ପରିଷଦ ଏବଂ ପରିଚାଳନା ନିର୍ଦ୍ଦେଶକ ଏଥିପ୍ରତି ଧ୍ୟାନ ନଦେଲେ ଆଗାମୀ ଦିନରେ ଭୟାବହ ପରିସ୍ଥିତି ସୃଷ୍ଟି ହେବ ବୋଲି ଧାରଣାରତ କର୍ମଚାରୀ କହିଛନ୍ତି। ଦୀର୍ଘ ତିନି ଘଣ୍ଟା ପରେ ଆସିକା ଥାନା ଅଧିକାରୀ ସୁଧୀର ସାହୁଙ୍କ ଉପସ୍ଥିତରେ ପରିଚାଳନା ପରିଷଦ ସଭାପତି ରବୀନ୍ଦ୍ରନାଥ ପଣ୍ଡା, ଚିନିଶିଳ୍ପ ମୁଖ୍ୟ ସୁଶାନ୍ତ କୁମାର ପଣ୍ଡା, ଚିନି ଶିଳ୍ପ ସମ୍ପାଦକଙ୍କ ଉପସ୍ଥିତିରେ କର୍ମଚାରୀଙ୍କ ଦାବି ନେଇ ଆଲୋଚନା ହୋଇଥିଲା।

ଏସମ୍ପର୍କରେ ପରିଚାଳନା କମିଟି ସଭାପତି ରବୀନ୍ଦ୍ର ନାଥ ପଣ୍ଡାଙ୍କୁ ପଚାରିବାରୁ ପରିଚାଳନା ପରିଷଦ ବୈଠକର ନିର୍ଦ୍ଧାରଣ ଏବଂ ଷ୍ଟାଫ୍ ସିଲେକ୍ସନ କମିଟିର ସହମତି ଭିତ୍ତିରେ ସମବାୟ ଆଇନ ଓ ଚିନିକଳର ଆଇନ ଅନୁସାରେ ଯଥା ସମ୍ଭବ ଦାବି ପୂରଣ ଉପରେ ନିଷ୍ପତି କରାଯାଇଛି। ସେହିଭଳି କାରଖାନାର ପରିଚାଳନା ନିର୍ଦ୍ଦେଶକ ଡ଼. ସୁଶାନ୍ତ କୁମାର ପଣ୍ଡାଙ୍କ ସହ ଆଲୋଚନା ବେଳେ ସେ କହିବା ଅନୁସାରେ କର୍ମଚାରୀ ମାନଙ୍କ ଅଭିଜ୍ଞତା, ଯୋଗ୍ୟତା, ଦକ୍ଷତା, କାରଖାନାର ଶୂନ୍ୟତାକୁ ଆଧାର କାରି ସରକାରୀ ନିର୍ଦ୍ଦେଶାନାମା ଅନୁସାରେ ନିଷ୍ପତ୍ତି ଓ ନ୍ୟାୟ ଦେବାକୁ ସ୍ଥିର କରାଯାଉଛି। ଧାରଣାସ୍ଥଳରେ କାରଖାନାର କର୍ମଚାରୀ ସଙ୍ଘର ସମ୍ପାଦକ ଶିବ ରାମ ରାଉଳ, କୋଷାଧ୍ୟକ୍ଷ କୈଳାସ ପଟ୍ଟନାୟକ, ଏଆଇଟିସିୟୁ ଉପସଭାପତି ପ୍ରଦୀପ ସେଠୀ, ଭଗବାନ ବେହେରା, ଲକ୍ଷ୍ମୀ ପଟ୍ଟନାୟକ, ସୁବାସ ପାତ୍ର, ବାବୁଲା ପ୍ରଧାନ, ଶ୍ରୀରାମ ବିଶ୍ୱାଳ, ଟୁନା ବିଶ୍ୱାଳ, ଚିରଞ୍ଜିବୀ ପାତ୍ର, ସନ୍ତୋଷ କୁମାର ସାହୁ, ସୂର୍ଯ୍ୟ ପାଳ, ପୂର୍ଣ୍ଣ ସ୍ୱାଇଁ, ତ୍ରିନାଥ ବେହେରା, ମିଥୁନ ମହାନ୍ତିଙ୍କ ସମେତ ବହୁ କର୍ମଚାରି ଉପସ୍ଥିତ ଥିଲେ।

### ପୂର୍ବତନ କର୍ପୋରେଟରଙ୍କ ସ୍ୱାମୀଙ୍କୁ ହତ୍ୟା ଘଟଣା

# ୮ ମାସ ପରେ ବି ଅଭିଯୁକ୍ତଙ୍କ ଟେର୍ ପାଉନି ପୁଲିସ

**ବ୍ରହ୍ମପୁର,୨୩।୩(ସମିସ):** ବଡ଼ବଜାର ଥାନା ଅନ୍ତର୍ଗତ ହରିଡ଼ାଖଣ୍ଡି ଗୌଡ଼ ସାହିରେ ପୂର୍ବତନ କର୍ପୋରେଟରଙ୍କ ସ୍ୱାମୀ ଶିବ ଶଙ୍କର ମାଝୀଙ୍କୁ ହତ୍ୟା କରାଯାଇଥିଲା। ବକେୟା ଟଙ୍କା ବିବାଦକୁ ନେଇ ଶିବଙ୍କୁ ହତ୍ୟା କରାଯାଇଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିଲା। ହରିଡ଼ାଖଣ୍ଡି ଗୌଡ଼ସାହି ନିବାସୀ ଗୌର ବେହେରା ଓରଫ ଗୌରା ମିସ୍ତ୍ରୀ ପୂର୍ବତନ କର୍ପୋରେଟରଙ୍କ ସ୍ୱାମୀ ଶିବଶଙ୍କର ମାଝୀଙ୍କୁ ହତ୍ୟା କରିଥିବା ପୁଲିସ ତଦନ୍ତ ବେଳେ ଜାଣିପାରିଛି। ହତ୍ୟାକାଣ୍ଡକୁ ଇତି ମଧ୍ୟରେ ୮ ମାସ ବିତି ଯାଇଥିଲେ ହେଁ ଏପର୍ଯ୍ୟନ୍ତ ପୁଲିସ ଅଭିଯୁକ୍ତ ଗୌରଙ୍କୁ ଧରିବାରେ ବିଫଳ ରହିଛି। ଅଭିଯୁକ୍ତଙ୍କ ଗତିବିଧି ଜାଣିବା ପରେ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲା ତେବେ କୌଣସି ସୁଫଳ ମିଳିପାରିନାହିଁ।

ସୂଚନାଯୋଗ୍ୟ ଯେ, ଶିବଶଙ୍କର ମାଝୀ ହରିଡ଼ାଖଣ୍ଡି ଗୌଡ଼ସାହି ନିବାସୀ ଗୌର ବେହେରା ଓରଫ ଗୌର ମିସ୍ତ୍ରୀଙ୍କ ଘରେ ଭୋଗବନ୍ଧା ଆକାରରେ ରହି ଆସୁଥିଲେ। ଦିନେ ଶିବଙ୍କୁ ଗୃହମାଲିକ ଗୌର ଘର ଛାଡିବାକୁ କହିଥିଲା। ଘର ଛାଡିବାକୁ ଶିବ କିଛି ସମୟ ମାଗିଥିଲେ। ପରେ ଘର ଛାଡ଼ିବା ପ୍ରସଙ୍ଗକୁ ନେଇ ଉଭୟଙ୍କ ମଧ୍ୟରେ ବହୁଥର ପାଟିତୁଣ୍ଡ ହୋଇଥିଲା। ୨୦୨୫ମସିହା ଅଗଷ୍ଟ ୯ ତାରିଖରେ ଗୌର ନିଶାସକ୍ତ ଭାବେ ଏକ ଖଣ୍ଡା ଧରି ଶିବ ରହୁଥିବା ଘରକୁ ଯାଇ ପାଟିତୁଣ୍ଡ କରିଥିଲା। ପାଟିତୁଣ୍ଡ ହେଲେ ଅଞ୍ଚଳବାସୀ ରୁଣ୍ଡ ହେବେ ଆଶଙ୍କା କରି ଶିବ ଗୌରକୁ ଘରକୁ ଡାକିନେଇ ଆଲୋଚନା କରିଥିଲେ। କିଛି ସମୟର ଆଲୋଚନା ପରେ ଉଭୟଙ୍କ ମଧ୍ୟରେ ପ୍ରଥମେ ବଚସା ଓ ପରେ ହାତାହାତି ହୋଇଥିଲେ। ଏଥିରେ ଗୌର ଉତ୍‌କ୍ଷିପ୍ତ ହୋଇ ନିଜେ ଧରିଥିବା ଖଣ୍ଡାରେ ଶିବଙ୍କୁ ହତ୍ୟା କରି ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲା।

## ମୋବାଇଲ ଚୋରି, ନାବାଳକ କାବୁ

**ବ୍ରହ୍ମପୁର,୨୩।୩(ସମିସ):** ସ୍ଥାନୀୟ ଧାନମେରା ସାହି ଅଞ୍ଚଳରୁ ଏକ ମୋବାଇଲ ଚୋରି ଘଟଣାରେ ସଂପୃକ୍ତ ଥିବା ଜଣେ ନାବାଳକକୁ ବଡ଼ବଜାର ଥାନା ପୁଲିସ କାବୁ କରିଛି। ତା'ନିକଟରୁ ଚୋରି ମୋବାଇଲକୁ ଜବତ କରାଯାଇଛି। ୨୦ତାରିଖ ବିଳମ୍ବିତ ରାତି ପ୍ରାୟ ୨ଟାରେ ଧାନମେରା ସାହିର ତୀର୍ଥ ଘଡ଼େଇଙ୍କ ଘରେ ଚୋରି ହୋଇଥିଲା। ପରିବାର ଲୋକେ ଶୋଇଥିବା ବେଳେ ସେହି ସାହିର ଜଣେ ନାବାଳକ ଘରେ ପଶି ଏକ ମୋବାଇଲ୍ ଚୋରି କରି ପଳାଉଥିବାବେଳେ ପରିବାର ଲୋକେ ନିଦରୁ ଉଠି ତାକୁ ଚିହ୍ନି ପକାଇଥିଲେ। ପରେ ନାବାଳକ ଜଣକ ଅଭିଯୋଗକାରୀଙ୍କୁ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିଲେ। ଏନେଇ ତୀର୍ଥ ବଡ଼ବଜାର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। କାବୁ ହୋଇଥିବା ନାବାଳକଙ୍କ ନାମରେ ପୂର୍ବରୁ ବୈଦ୍ୟନାଥପୁର ଥାନାରେ ମଧ୍ୟ ଦୁଇଟି ଚୋରି ମାମଲା ଥିବା ଜଣାପଡିଛି। ଆଜି ନାବାଳକଙ୍କୁ କିଶୋର ନ୍ୟାୟ ବୋର୍ଡରେ ହାଜର କରାଯିବା ପରେ ବାଳ ସୁଧାର ଗୃହକୁ ପଠାଇ ଦିଆଯାଇଛି।

## ପେନ୍‌ସନର୍ସ ବିରୋଧୀ ଭ୍ୟାଲିଡେସନ୍ ବିଲ୍ ପ୍ରତ୍ୟାହର ଦାବି

**ବ୍ରହ୍ମପୁର,୨୩।୩(ସମିସ):** ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅବସର ପ୍ରାପ୍ତ କର୍ମଚାରୀଙ୍କ ପେନସନ ଓ ଅନ୍ୟାନ୍ୟ ସୁବିଧା ସୁଯୋଗକୁ ପ୍ରତ୍ୟାହାର କରିବାକୁ ଗତ ୨୦୨୫ମାର୍ଚ୍ଚରେ ସଂସଦରେ ଏକ ଭ୍ୟାଲିଡେସନ ବିଲ୍ ପାରିତ କରାଇ ସମସ୍ତ ଅବସର ପ୍ରାପ୍ତ କର୍ମଚାରୀଙ୍କ ସ୍ୱାର୍ଥକୁ ତଳିତଳାନ୍ତ କରିଦେବା ପାଇଁ ଚକ୍ରାନ୍ତ କରାଯାଇଥିବା ନିଖିଳ ଉତ୍କଳ ଶିକ୍ଷକ ମହାସଂଘ ଅଭିଯୋଗ କରିଛି। ଏହି ବିଲ୍ କାର୍ଯ୍ୟକାରୀ ହେଲେ ସମସ୍ତ ଅବସରପ୍ରାପ୍ତ କର୍ମଚାରୀ ୮ ମ ବେତନ କମିଶନରେ ଅନ୍ତର୍ଭୁକ୍ତ ହେବାରୁ ବଞ୍ଚିତ ହେବେ, ସାମୂହିକ ଡିଏ ବୃଦ୍ଧି ଏବଂ ଅନ୍ୟାନ୍ୟ ସୁବିଧା ସୁଯୋଗରୁ ମଧ୍ୟ ବଞ୍ଚିତ ହେବେ। ତେଣୁ ଏହି ବିଲ ପ୍ରତ୍ୟାହାର ପାଇଁ ସର୍ବ ଭାରତୀୟ ପେନସନର୍ସ ଫେଡେରେସନ ଦାବି କହିଛି। ଅନ୍ୟପକ୍ଷରେ ବିଭିନ୍ନ ରାଜ୍ୟରେ ଅବସରପ୍ରାପ୍ତ କର୍ମଚାରୀଙ୍କୁ ସ୍ୱାସ୍ଥ୍ୟଭତ୍ତା ପ୍ରଦାନ କରାଯାଉଥିବା ବେଳେ ଓଡ଼ିଶାରେ ତାହା ଅଦାଲତ କର୍ମଚାରୀଙ୍କ ବ୍ୟତୀତ ଅନ୍ୟମାନଙ୍କୁ ଲାଗୁ କରାଯାଇନାହିଁ। ଯଦିଓ ସମ୍ପ୍ରତି ରାଜ୍ୟ ସରକାର ୭୦ବର୍ଷରୁ ଅଧିକ ବ୍ୟକ୍ତିଙ୍କୁ ଆୟୁଷ୍ମାନ ଯୋଜନାରେ ଅନ୍ତର୍ଭୁକ୍ତ କରିଛନ୍ତି ତଥାପି ୬୦ରୁ ୭୦ବର୍ଷ ମଧ୍ୟରେ ଥିବା ବ୍ୟକ୍ତିଙ୍କ ପାଇଁ କୌଣସି ବ୍ୟବସ୍ଥା କରିନଥିବା ଅଭିଯୋଗ ହୋଇଛି। ତେଣୁ ଏହି ବିଲ ପ୍ରତ୍ୟାହାର ସହ ସ୍ୱାସ୍ଥ୍ୟଭତ୍ତା ପ୍ରଦାନ କରିବାକୁ ନିଖିଳ ଉତ୍କଳ ଶିକ୍ଷକ ମହାସଂଘ ଦାବି କରିଛି। ସର୍ବଭାରତୀୟ ପେନସନର୍ସ ଫେଡେରେସନ ଡାକରାରେ ନିଖିଳ ଉତ୍କଳ ଶିକ୍ଷକ ମହାସଂଘ ସାମିଲ ହୋଇ ପ୍ରତ୍ୟେକ ଜିଲ୍ଲାପାଳଙ୍କ ଜେରିଆରେ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଯିବ ବୋଲି ମହାସଂଘର ଅଧ୍ୟକ୍ଷ କାମରାଜୁ ମହାରଣା ପ୍ରେସ ବିବୃତିରେ ପ୍ରକାଶ କରିଛନ୍ତି।

## ଛାତ୍ରୀଙ୍କ ମୃତଦେହ ଜବତ

**ଦିଗପହଣ୍ଡି,୨୩।୩(ସମିସ):** ଦିଗପହଣ୍ଡି ବ୍ଲକ ବଡ଼ତୁମ୍ବୁଳା ଗ୍ରାମର ମାଟ୍ରିକ ପରୀକ୍ଷା ଦେଇଥିବା ଜଣେ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସୋମବାର ଦିଗପହଣ୍ଡି ପୁଲିସ ବ୍ରହ୍ମପୁର ବଡ଼ ମେଡିକାଲରୁ ମୃତଦେହ ଜବତ କରିଛି। ମୃତ ଛାତ୍ରୀ ହେଲେ ଟୁନା ସେଠୀଙ୍କ କନ୍ୟା ଅର୍ଚ୍ଚିତା ସେଠୀ(୧୬)। ଏଏସ୍‌ଆଇ ଦିଲ୍ଲୀପ ଗୋରେଡ଼ା ମୃତଦେହ ଜବତ କରି ଏମ୍‌କେସିଜିରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ।

ମାଟ୍ରିକ ପରୀକ୍ଷା ଦେଇଥିବା ଅର୍ଚ୍ଚିତାଙ୍କୁ ରବିବାର ପୂର୍ବାହ୍ନରେ ସଂକଟାପନ୍ନ ଅବସ୍ଥାରେ ପରିବାର ଲୋକେ ଦିଗପହଣ୍ଡି ମେଡ଼ିକାଲରେ ଭର୍ତ୍ତି କରିଥିଲେ। ବାରମ୍ବାର ବାନ୍ତି କରୁଥିବା ଅର୍ଚ୍ଚିତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ବିଳମ୍ବିତ ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତର ସନ୍ଦେହ କରି ଦିଗପହଣ୍ଡି ପୁଲିସକୁ ସୂଚନା ଦେଇଥିଲେ। ଅର୍ଚ୍ଚିତାଙ୍କ ବଡ଼ ଭାଇ କିରଣ ଏନେଇ ଏତଲା ଦେବା ପରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିଲା। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଆଇଆଇସି କିଶୋର କୁମାର ସାମଲ କହିଛନ୍ତି।

### ଅନିଶ୍ଚିତତା ମଧ୍ୟରେ ସିଲ୍‌କ ସିଟି ମହୋତ୍ସବ!

# ଚୂଡ଼ାନ୍ତ ହୋଇପାରୁନି ତାରିଖ ଓ ସ୍ଥାନ

**ବ୍ରହ୍ମପୁର,୨୩।୩(ସମିସ):**

- ବିଇଡିଏ ଜରିଆରେ ପ୍ରଶାସନ ପକ୍ଷରୁ ଆୟୋଜନ ହେବ ସପ୍ତାହ ବ୍ୟାପୀ ମେଳା ଓ ଉତ୍ସବ
- ଏକାଠି ହେବ ସୁଭଦ୍ରା ଶକ୍ତି ମେଳା, ପଲ୍ଲିଶ୍ରୀ ମେଳା, ଆତ୍ମନିର୍ଭର ଭାରତ ଓ କୃଷି ଯନ୍ତ୍ରପାତି ମେଳା

୨୪ତାରିଖରେ ଆୟୋଜିତ ହେବାକୁ ଥିବା ସିଲ୍କ ସିଟି ମହୋତ୍ସବର ରୂପରେଖ ଏପର୍ଯ୍ୟନ୍ତ ସ୍ଥିର ହୋଇପାରି ନାହିଁ। ଯଦିସ ଏହି ମହୋତ୍ସବ ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳପଡିଆରେ ୨୪ତାରିଖ ଠାରୁ ୩୦ତାରିଖ ପର୍ଯ୍ୟନ୍ତ ହେବାକୁ ନିଷ୍ପତ୍ତି ନିଆଯାଇଥିଲା ତାହା ପୁଣି ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି। ଗୋପାଳପୁର ବେଳାଭୂମି ମହୋତ୍ସବ ଓ ସୁନାପୁର ମେଳାଭୂମି ମହୋତ୍ସବର ସଫଳ ଆୟୋଜନ ପରେ ବ୍ରହ୍ମପୁର ଠାରେ ଏକ ମହୋତ୍ସବ ତଥା ମେଳାର ଆୟୋଜନ ପାଇଁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ତେବେ ବିଭିନ୍ନ କାରଣରୁ ମହୋତ୍ସବ ଆୟୋଜନର ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି। ଉତ୍ସବ ଆୟୋଜନ ପାଇଁ ବ୍ରହ୍ମପୁର ବିଧାୟକଙ୍କ ଅଧ୍ୟକ୍ଷତାରେ ଗତ ଫେବୃଆରୀ ୫ତାରିଖରେ ପ୍ରଥମ ବୈଠକ ବସିଥିବା ବେଳେ ମାର୍ଚ୍ଚ ୧୨ତାରିଖରେ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଉଭୟ ବୈଠକରେ ପୂର୍ବତନ ବିଇଏମସି କମିଶନର ତଥା ବିଇଡିଏ ଉପାଧ୍ୟକ୍ଷ ପ୍ରଥମେଷ ଅରବିନ୍ଦ ରାଜେଶିର୍କେର୍ ଉପସ୍ଥିତ ରହି ସଂଯୋଜନା କରୁଥିବା ବେଳେ ୧୩ତାରିଖରେ ତାଙ୍କର ବଦଳି ହୋଇଯାଇଥିଲା। ବର୍ତ୍ତମାନ ସୁଶ୍ରୀ ଏ. ଶସ୍ୟା ରେଡ୍ଡୀ ନୂତନ କମିଶନର ତଥା ବିଇଡିଏ ଉପାଧ୍ୟକ୍ଷା ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ବିଇଡିଏ ଜରିଆରେ ପ୍ରଶାସନ ପକ୍ଷରୁ ଆୟୋଜିତ ହେବାକୁ ଥିବା ସିଲ୍କ ସିଟି ମହୋତ୍ସବ ଆୟୋଜନରେ ବିଳମ୍ବ ହେବାରେ ଲାଗିଛି। ପ୍ରଥମେ ଇଂଜିନିୟରିଂ ସ୍କୁଲ ଖେଳପଡିଆରେ ମହୋତ୍ସବ ଆୟୋଜନ ପାଇଁ ଯୋଜନା କରାଯାଇଥିଲେ ହେଁ ତାହା ଗୋପାଳପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଆସୁଥିବାରୁ ତାହାକୁ ପରିବର୍ତ୍ତନ କରାଯାଇଥିଲା। ଏବଂ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ପଡିଆରେ ମହୋତ୍ସବ ଆୟୋଜନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ମିଳିଥିବା ସୂଚନା ପ୍ରକାରେ ୨୪ତାରିଖରେ ମହୋତ୍ସବ ଆୟୋଜନ ପାଇଁ ଯଦିଓ ପୂର୍ବରୁ ଖେଳପଡିଆ ଅନୁମତି ନିଆଯାଇଥିଲା ତେବେ ବର୍ତ୍ତମାନ ପରିସ୍ଥିତିରେ ଅନ୍ୟ କୌଣସି ଦିନ ପାଇଁ ଏପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ କୌଣସି ଅନୁମତି ନିଆଯାଇନଥିବା ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଠାରୁ ସୂଚନା ମିଳିଛି। ଏହି ମହୋତ୍ସବ ଆୟୋଜନ ହେଲେ ଏକକାଳୀନ ଗୋଟିଏ ସ୍ଥାନରେ କୃଷି ଯନ୍ତ୍ରପାତି ମେଳା ସହିତ ଓରମାସ ପଲ୍ଲିଶ୍ରୀ ମେଳା, ଆତ୍ମନିର୍ଭର ଭାରତ ଓ ସୁଭଦ୍ରା ଶକ୍ତି ମେଳାର ଆୟୋଜନ କରାଯିବ। ଯେଉଁଠି ପ୍ରତ୍ୟହ ଖାଦ୍ୟମେଳା, ଆଲୋଚନା ଚକ୍ର ଓ ରଙ୍ଗାରଙ୍ଗ ସାଂସ୍କୃତି କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହେବ ବୋଲି ଜଣାପଡିଛି। ଏହି ମେଗା କାର୍ଯ୍ୟକ୍ରମ ପାଇଁ ସ୍ଥାନୀୟ ଇଭେଣ୍ଟ ଗୁରୁ ନାମକ ଏକ ଘରୋଇ ସଂସ୍ଥାକୁ ଟେଣ୍ଡର ଜରିଆରେ ଦାୟିତ୍ୱ ପ୍ରଦାନ କରାଯାଇଥିବା ବେଳେ କେଉଁଠାରେ ଏବଂ କେବେଠାରୁ ଏହା ଆୟୋଜିତ ହେବ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରି ନାହିଁ। ବର୍ତ୍ତମାନ ଯଦିଓ ଖରାଦିନ ଆରମ୍ଭ ହୋଇସାରିଛି ତଥାପି ଛାତ୍ରଛାତ୍ରୀଙ୍କ ବାର୍ଷିକ ପରୀକ୍ଷା ଶେଷ ହୋଇସାରିଥିବାରୁ ଏହି ମହୋତ୍ସବ ଉପଭୋଗ କରିବାକୁ ଅପେକ୍ଷା କରିଛନ୍ତି ସହରବାସୀ।

## 'ସରୁନି ଗପ କି ସରୁନି ପାପ' ମଞ୍ଚସ୍ଥ



**ଦିଗପହଣ୍ଡି,୨୩।୩(ସମିସ):** ଦିଗପହଣ୍ଡି ବ୍ଲକ ବାସୁଦେବପୁର ପଞ୍ଚାୟତ ପଡିଆ ପୁରୁଷୋତ୍ତମପୁର ଗ୍ରାମ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପି. ଜଗଦୀଶ ଦୋରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଦିଗପହଣ୍ଡି ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ରସାନନ୍ଦ ଘଡ଼େଇ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଅନ୍ୟତମ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବିଶ୍ରବା ପାଇକ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଗୋକର୍ଣ୍ଣପୁର ଶିକ୍ଷା କ୍ଲଷ୍ଟରର ସିଆରସିସି ସରିତା ନନ୍ଦ ଓ ଅନ୍ୟତମ ଅତିଥି ଭାବେ ସିଦ୍ଧେଶ୍ୱର ଶିକ୍ଷା କ୍ଲଷ୍ଟର ସିଆରସିସି ଅଳକା ପ୍ରଧାନ, ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ଡିଇଓ ଏନ. ଅନନ୍ତ ବାସୁଦେବ, ଆକାଉଣ୍ଟାଣ୍ଟ ଏସ୍. ଉତ୍ତମ ଦୋରା, ପ୍ରଧାନ ଶିକ୍ଷୟିତ୍ରୀ ମମତା ଦେବୀ, ବିଷ୍ଣୁପ୍ରିୟା ତ୍ରିପାଠୀ, ବିଦ୍ୟାଳୟର ପରିଚାଳନା କମିଟି ଉପ ସଭାନେତ୍ରୀ ରାଜେଶ୍ୱରୀ ସେଠୀ, ସଦସ୍ୟ ଦାସ ରେଡ୍ଡୀ, ବୁଡୁ ଗୌଡ଼, ସନିଆ ରେଡ୍ଡୀ, ଅଶାନ୍ତି ସେଠୀ, କାମିନୀ ସେଠୀ ପ୍ରମୁଖ ଅନ୍ୟତମ ଅତିଥି ଭାବେ ମଞ୍ଚାସିନ ଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିବୃନ୍ଦ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ଛାତ୍ରୀଛାତ୍ର ମାନଙ୍କ ପକ୍ଷରୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହ ସଚେତନତାଧର୍ମୀ ସାମାଜିକ ନାଟକ "ସରୁନି ଗପ କି ସରୁନି ପାପ' ମଞ୍ଚସ୍ଥ ହୋଇଥିଲା। ବହୁସଂଖ୍ୟକ ଅଭିଭାବକ ଉପସ୍ଥିତ ଥିଲେ।

# ଛତ୍ରପୁର ଏନ୍ଏସିକୁ ବିଧିବଦ୍ଧ ଭାବେ ପୌରପରିଷଦ ଘୋଷଣା

ଛତ୍ରପୁର,୨୩।୩(ସମିସ)

ଛତ୍ରପୁର ଏନ୍ଏସିକୁ ପୌରପରିଷଦ ଭାବରେ ବିଧିବଦ୍ଧ ଘୋଷଣା କରାଯାଇଛି। ରାଜ୍ୟ ନଗର ଓ ଗୃହ ଉନ୍ନୟନ ବିଭାଗ ପତ୍ର ସଂଖ୍ୟା-୮୯୩୬ରେ ଏନେଇ ଆଜି ଘୋଷଣା ହୋଇଛି। ଗଞ୍ଜାମ ଜିଲ୍ଲାର ଭଞ୍ଜନଗର, ପୋଲସରା, ଆସିକା, କବିସୂର୍ଯ୍ୟନଗର ଓ ଛତ୍ରପୁର ଏନ୍ଏସିକୁ ପୌରପରିଷଦ ପାଇଁ ରାଜ୍ୟ ନଗର ଓ ଗୃହ ଉନ୍ନୟନ ବିଭାଗ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଏହାର ଆପତ୍ତି ଅଭିଯୋଗ ମାର୍ଚ୍ଚ ୩୧ ମଧ୍ୟରେ ପୌରପରିଷଦ ଭାବେ ଚୂଡ଼ାନ୍ତ ଘୋଷଣା ହେବାକୁ ରହିଥିବା ବେଳେ ପୂର୍ବରୁ ଛତ୍ରପୁରକୁ ଛାଡ଼ି ବାକି ୪ଟି ଏନ୍ଏସିକୁ ଚୂଡ଼ାନ୍ତ ଭାବେ ଘୋଷଣା କରାଯାଇଥିବା ବେଳେ ଆଜି ଛତ୍ରପୁରକୁ ପୌରପରିଷଦ ଭାବେ ଚୁଡ଼ାନ୍ତ ଘୋଷଣା କରାଯାଇଛି।

ରାଜ୍ୟପାଳଙ୍କ ଦ୍ୱାରା ଗଞ୍ଜାମ ଜିଲ୍ଲାର ସମଗ୍ର ଛତ୍ରପୁର ବିଜ୍ଞାପିତ ଅଞ୍ଚଳ ପରିଷଦକୁ "ଛୋଟ ସହରାଞ୍ଚଳ' ଭାବରେ ନିର୍ଦ୍ଦିଷ୍ଟ କରିବାର ଉଦ୍ଦେଶ୍ୟ ସମ୍ବଳିତ ଏକ ପ୍ରସ୍ତାବ ପ୍ରକାଶିତ ହୋଇଥିଲା। ୨୬ ଡିସେମ୍ବର, ୨୦୨୫ ରେ ଓଡ଼ିଶା ଗେଜେଟ୍ ନଂ. ୫୯୯୫ର ଅସାଧାରଣ ସଂଖ୍ୟାରେ, ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗରେ ଓଡ଼ିଶା ସରକାରଙ୍କ ୨୬ ଡିସେମ୍ବର, ୨୦୨୫ ର ବିଜ୍ଞପ୍ତି ନଂ ୩୧୫୭୭ ଅନୁଯାୟୀ, ଆପତ୍ତି ଏବଂ ପରାମର୍ଶ ଆମନ୍ତ୍ରଣ କରାଯାଇଥିଲା। ଯେଉଁଠାରେ, ଜିଲ୍ଲା ମାଜିଷ୍ଟ୍ରେଟ୍, ଗଞ୍ଜାମଙ୍କ ଦ୍ୱାରା ନିର୍ଦ୍ଧାରିତ ସମୟ ମଧ୍ୟରେ ଉକ୍ତ ଡ୍ରାଫ୍ଟ ସମ୍ପର୍କରେ ପ୍ରାପ୍ତ ଆପତ୍ତିଗୁଡ଼ିକୁ ରାଜ୍ୟ ସରକାରଙ୍କ ଦ୍ୱାରା ଯଥାର୍ଥ ଭାବରେ ବିଚାର କରାଯାଇଛି ଏବଂ ଯେହେତୁ ଏହି ସମ୍ବନ୍ଧରେ ଜାରି ଏବଂ ସରକାରୀ ଗେଜେଟରେ ପ୍ରକାଶିତ ଡ୍ରାଫ୍ଟ ବିଜ୍ଞପ୍ତିକୁ ଯଥାର୍ଥ ଭାବରେ ବିଚାର କରାଯାଇଛି ଓ ଏହାଦ୍ୱାରା ନିଶ୍ଚିତ କରାଯାଇଛି।

ଅନ୍ୟପକ୍ଷରେ ଛତ୍ରପୁର ପୌରପରିଷଦ ଘୋଷଣା ହେବା ଦ୍ୱାରା ଏହାର ସର୍ବାଙ୍ଗୀନ ବିକାଶ ପାଇଁ ଦ୍ୱାର ଉନ୍ମୋଚନ କରିଥିବାରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ମାନ୍ୟବର ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ମହୋଦୟଙ୍କୁ ଛତ୍ରପୁରବାସୀଙ୍କ ତରଫରୁ ଆନ୍ତରିକ ଧନ୍ୟବାଦ ଓ କୃତଜ୍ଞତା ଜଣାଉଛି। ଏହି ଐତିହାସିକ ପଦକ୍ଷେପ ଦ୍ୱାରା ଛତ୍ରପୁରରେ ସୁନିଯୋଜିତ ସହର ଯୋଜନା, ଉନ୍ନତ ସଡ଼କ ଓ ପରିବହନ ବ୍ୟବସ୍ଥା, ଶୁଦ୍ଧ ପାନୀୟ ଜଳ ଯୋଗାଣ, ସୁସଂଗଠିତ ଡ୍ରେନେଜ୍ ବ୍ୟବସ୍ଥା ଏବଂ ସ୍ୱଚ୍ଛତା ସେବା ଆହୁରି ସୁଦୃଢ଼ ହେବ। ଏହା ଫଳରେ ନୂତନ ନିବେଶ ସମ୍ଭାବନା ସୃଷ୍ଟି ହେବା ସହ ରୋଜଗାର ସୃଜନ ଓ ସ୍ଥାନୀୟ ଅର୍ଥନୈତିକ କାର୍ଯ୍ୟକଳାପ ବୃଦ୍ଧି ହେବ। ଏହି ସିଦ୍ଧାନ୍ତ ଛତ୍ରପୁରର ସମଗ୍ର ନଗର ଉନ୍ନୟନକୁ ଏକ ନୂତନ ଦିଗ ଦେବା ସହ ଆଗାମୀ ପିଢ଼ିଙ୍କ ପାଇଁ ଦୃଢ଼ ଭିତ୍ତି ସ୍ଥାପନ କରିବ ବୋଲି ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ କହିଛନ୍ତି।

# ଗ୍ରାମ୍ୟମୁଖୀ ପ୍ରଶାସନର ପଞ୍ଚାୟତସ୍ତରୀୟ ଜନଶୁଣାଣି



ଗୋଷାଣି,୨୩।୩ (ସମିସ): ଗୋଷାଣି ବ୍ଲକ ଅନ୍ତର୍ଗତ ବାଘଶାଳାରେ ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଶୁଣାଣିରେ ଗୋଷାଣି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକ ଯୋଗ ଦେଇ ସମୁଦାୟ ୧୨ ଅଭିଯୋଗର ଶୁଣାଣି କରିଥିବା ବେଳେ ଏଥିମଧ୍ୟରୁ ୩ ଅଭିଯୋଗର ସମାଧାନ କରାଯାଇଥିଲା। ଅବଶିଷ୍ଟ ଅଭିଯୋଗ ଗୁଡିକୁ ତୁରନ୍ତ ସମାଧାନ କରିବା ପାଇଁ ଗୋଷ୍ଠୀ ଉନୀୟନ ଅଧିକାରୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ବ୍ଲକ ଅଧ୍ୟକ୍ଷ ଏନ୍.ବୀରରାଜୁ, ପାରଳାଖେମୁଣ୍ଡି ତହସିଲଦାର ନାରାୟଣ ବେହେରା, ବାଘଶାଳା ସରପଞ୍ଚ ଟି.ଭୀମରାଜୁ, ପଞ୍ଚାୟତ ଉନ୍ନୟନ ଅଧିକାରୀ ଅଶୋକ କୁମାର ପାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ୨୦ ଜଣଙ୍କୁ ଉତ୍ତରାଧିକାରୀ ପଟ୍ଟା ବଣ୍ଟନ କରାଯାଇଥିବା ବେଳେ ବ୍ୟବସାୟ ନିମନ୍ତେ ଆବେଦନ କରିଥିବା ଦିବ୍ୟାଙ୍ଗଙ୍କ ଲାଗି ଜାଗା ଦେବା ପାଇଁ ତହସିଲଦାର ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ବିଭିନ୍ନ ଲାଇନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ଆର୍.ସୀତାପୁର ନିକଟରେ ଦୁର୍ଘଟଣା; ଚାଳକ ମୃତ



ଗୋଷାଣି,୨୩।୩(ସମିସ): ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଅନ୍ତର୍ଗତ ୩୨୬-ଏ ଜାତୀୟ ରାଜପଥର ଆର୍.ସୀତାପୁର ଗ୍ରାମ ନିକଟସ୍ଥ ଏକ ବୁଲାଣି ରାସ୍ତାରେ ଏକ ବୁଲେଟ ସୋମବାର ରାତି ସାଢେ ୧୦ଟାରେ ଦୁର୍ଘଟଣାଗ୍ରସ୍ତ ହୋଇ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ୍ୟୁବରଣ କରିଥିବା ଚାଳକଙ୍କ ପରିଚୟ ମିଳିପାରିନାହିଁ। ବୁଲେଟ୍ (ନଂ. ଓଡି୨୦ସି-୪୫୧୯)ଟି ଦ୍ରୁତଗତିରେ ଯାଉଥିବାବେଳେ ବୁଲାଣି ରାସ୍ତାରେ ଚାଳକ ଭାରସାମ୍ୟ ହରାଇବାରୁ ଏହି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି। ତେବେ ଚାଳକ ଜଣକ ପାରଳାଖେମୁଣ୍ଡିରୁ ଆର୍.ଉଦୟଗିରି ଅଭିମୁଖେ ଯାଉଥିବା ଜଣାପଡ଼ିଛି। ଗୁରାଣ୍ଡି ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ବରିଷ୍ଠ ନାଗରିକଙ୍କ ସୁରକ୍ଷା ସମ୍ବନ୍ଧୀୟ ସଚେତନତା ବୈଠକ

ପାରଳାଖେମୁଣ୍ଡି,୨୩।୩(ସମିସ): ପାରଳାଖେମୁଣ୍ଡି ଆଦର୍ଶ ଥାନା ପରିସରରେ ବରିଷ୍ଠ ନାଗରିକଙ୍କ ସୁରକ୍ଷା ସମ୍ବନ୍ଧୀୟ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା। ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ବୈଠକରେ ଗଜପତି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ପାରଳାଖେମୁଣ୍ଡି ପୌରାଧ୍ୟକ୍ଷା ନିର୍ମଳା ସେଠୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁନିଲ କୁମାର ମହାନ୍ତି, ପାରଳାଖେମୁଣ୍ଡି ଷ୍ଟେଟ ବ୍ୟାଙ୍କ ମୁଖ୍ୟଶାଖାର ମୁଖ୍ୟପରିଚାଳକ ଜଗନ୍ନାଥ ପ୍ରସାଦ ଦାଶ, ପାରଳାଖେମୁଣ୍ଡି ବରିଷ୍ଠ ନାଗରିକ ମଞ୍ଚର ସଭାପତି ଲକ୍ଷ୍ମୀନୃସିଂହ ରଥ ଓ ସମ୍ପାଦକ ଗଜେନ୍ଦ୍ର ପଣ୍ଡା ବରିଷ୍ଠ ନାଗରିକଙ୍କ ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ବିଷୟରେ ଆଲୋକପାତ କରିଥିଲେ। ଶେଷରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଶ୍ରୀ ପଣ୍ଡା ନୂତନ ବରିଷ୍ଠ ନାଗରିକ ସଦସ୍ୟଙ୍କୁ ପୁଲିସ ପରିଚୟ ପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଧିକାରୀ ପ୍ରଶାନ୍ତ ଭୂପତି ପରିଚାଳନା କରିଥିଲେ।

# ଜନଗଣନା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ



ଦିଗପହଣ୍ଡି,୨୩।୩(ସମିସ): ଦିଗପହଣ୍ଡି ଏନ୍ଏସି ପ୍ରଶାସନ ପକ୍ଷରୁ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜାତୀୟ ଜନଗଣନା-୨୦୨୭ର ପ୍ରଥମ ପର୍ଯ୍ୟାୟ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟରେ ନିୟୋଜିତ ହେବାକୁ ଥିବା ପରିଗଣନାକାରୀ ଏବଂ ସୁପରଭାଇଜରଙ୍କ ପ୍ରଶିକ୍ଷଣ ଶିବିର ଉଦଘାଟନ କାର୍ଯ୍ୟକ୍ରମରେ ଦିଗପହଣ୍ଡି ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମିଶ୍ର ସଂଯୋଜନା କରିଥିଲେ। ଏନଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା କାର୍ଯ୍ୟକ୍ରମ ଶୁଭାରମ୍ଭରେ ଉପସ୍ଥିତ ରହି ସମସ୍ତ ପରିଗଣନାକାରୀଙ୍କୁ ଉତ୍ସାହିତ କରିବା ସହ ସଠିକ୍ ରୂପେ ଗଣନାକାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଆକାଉଣ୍ଟାଣ୍ଟ ମୃତ୍ୟୁଞ୍ଜୟ ଦାସ ତାଲିମ ପ୍ରଦାନ କରିଥିଲେ। ଏହି ଅବସରରେ ଦିଗପହଣ୍ଡି ସହରାଞ୍ଚଳର ସମୁଦାୟ ୧୧ଟି ୱାର୍ଡ ଅଧୀନ ବିଭିନ୍ନ ସାହିବସ୍ତିରେ ଚିହ୍ନଟ କରାଯାଇଥିବା ସମୁଦାୟ ୨୩ଟି ଗୃହ ଗଣନା ବ୍ଲକରେ ବିଭକ୍ତ କରାଯାଇଛି। ଏ ସମ୍ପର୍କରେ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରାଯାଇଥିବା ନିର୍ବାହୀ ଅଧିକାରୀ ସୂଚନା ଦେଇଥିଲେ। ଜନଗଣନାର ପ୍ରଥମ ପର୍ଯ୍ୟାୟରେ ଆସନ୍ତା ଏପ୍ରିଲ ୧ରୁ ୧୫ ଯାଏ ନିଜସ୍ୱ ଗଣନା ଆରମ୍ଭ ହେବାକୁ ଯାଉଥିବା ବେଳେ ଏପ୍ରିଲ ୧୬ରୁ ମେ'୧୫ ପର୍ଯ୍ୟନ୍ତ ସହରାଞ୍ଚଳରେ ଗୃହ ତାଲିକା ଏବଂ ଗୃହ ଗଣନା ନିମନ୍ତେ କାର୍ଯ୍ୟକ୍ରମ ରହିଛି ବୋଲି ପ୍ରଶିକ୍ଷଣ ଶିବିରରେ ଆଲୋଚନା କରାଯାଇଥିଲା। ଏହି ଗୃହ ତାଲିକା ଏବଂ ଗୃହ ଗଣନା ନିମନ୍ତେ ୨୬ ଜଣ ପରିଗଣନାକାରୀ ଏବଂ ୫ ଜଣ ସୁପରଭାଇଜରଙ୍କୁ ନିୟୋଜିତ କରାଯାଇଛି।

# ଘରେ ପଶି ଯୁବତୀଙ୍କୁ ହାଣିବା ଘଟଣା | ବ୍ୟାଙ୍କ ଷ୍ଟେଟ୍‌ମେଣ୍ଟ ଯାଞ୍ଚ କଲା ପୁଲିସ

ପାତ୍ରପୁର,୨୩।୩(ସମିସ): ଜରଡ଼ା ଥାନା ଷୋଳଭାଗପେଣ୍ଠ ଗ୍ରାମରେ ଘରେ ଏକା ଥିବା ସମୟରେ ଜଣେ ଯୁବତୀଙ୍କୁ ଆକ୍ରମଣ ଘଟଣାରେ ପୁଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇଛି ଆସାମୀ। ଘନ ଘନ ଜେରା ମଧ୍ୟରେ ସୋମବାର ପୁଲିସ ଆହତ ଯୁବତୀ ସୁଇଟିଙ୍କ ବ୍ୟାଙ୍କ ଜମା ଖାତାର ଷ୍ଟେଟ୍‌ମେଣ୍ଟ ଯାଞ୍ଚ କରିଥିବା ଜଣାପଡିଛି। ବିଭିନ୍ନ ସ୍ଥାନର ସିସିଟିଭି ଫୁଟେଜକୁ ଆଧାର କରି ଏକ ବାଇକ୍ ଓ ରକ୍ତ ଛିଟା ଲାଗିଥିବା ହେଲମେଟ୍ ପୁଲିସ ଜବତ କରିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ତେବେ ପୁଲିସ ପକ୍ଷରୁ ଏନେଇ କୌଣସି ସୂଚନା ମିଳିନାହିଁ। ଗ୍ରାମରେ ପୁଲିସ ଲୋକଙ୍କୁ ପଚରାଉଚରା କରୁଛି। ଘଟଣା ଘଟିବା ପରେ ଗ୍ରାମବାସୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ୧ ବର୍ଷ ପୂର୍ବେ ଆରମ୍ଭ ହୋଇଥିବା ପ୍ରେମ ସମ୍ପର୍କ ଘଟଣାର ମୁଖ୍ୟ କାରଣ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ସେହିଭଳି ଘଟଣାକୁ ଦୁଇଦିନ ବିତି ଯାଇଥିବା ବେଳେ ପୁଲିସ ତଦନ୍ତରେ ହିଁ ସୀମିତ ରହିଥିବା ବେଳେ ପୁଲିସ ଖୋଜୁଛି, ଆସାମୀ ବୁଲୁଛି ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ସେପଟେ ଆହତ ସୁଇଟିର ସ୍ୱାସ୍ଥ୍ୟବସ୍ଥା ସଂକଟାପନ୍ନ ଥିବା ଜଣାପଡ଼ିଛି।

# ପ୍ରବେଶ ଉତ୍ସବ ପାଇଁ ନିମନ୍ତ୍ରଣ ପତ୍ର



ଛତ୍ରପୁର,୨୩।୩(ସମିସ): ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଜିଲ୍ଲା ଶିକ୍ଷା ଅଧିକାରୀ, ଗଞ୍ଜାମ, ବରିଷ୍ଠ ଅଧିକାରୀ ଓ ଶିକ୍ଷକ-ଶିକ୍ଷୟିତ୍ରୀ ମାନେ ପ୍ରଥମ ପର୍ଯ୍ୟାୟରେ ସୋମବାର ବିଭିନ୍ନ ଶିଶୁ ବାଟିକାରେ ଶିଶୁମାନଙ୍କୁ ପ୍ରବେଶ କରାଇବା ପାଇଁ ଆଗ୍ରହୀ ଅଭିଭାବକ ମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱାକ୍ଷରିତ ନିମନ୍ତ୍ରଣ ପତ୍ର ସେମାନଙ୍କ ଘରକୁ ଘର ଯାଇ ବଣ୍ଟନ କରିଛନ୍ତି। ବେଗୁନିଆପଡା ବ୍ଲକର ଖଣ୍ଡିଆନଈ ଓ ଅନ୍ୟାନ୍ୟ ଗ୍ରାମକୁ ଅଧିକାରୀ ଓ ଶିକ୍ଷକ-ଶିକ୍ଷୟିତ୍ରୀ ମାନେ ଯାଇ ଏପ୍ରିଲ ୨ ତାରିଖରେ ପାଳିତ ହେବାକୁଥିବା ପ୍ରବେଶ ଓ ଖଡିଛୁଆଁ ଉତ୍ସବ ଅବସରରେ ନିଜ ଶିଶୁମାନଙ୍କୁ ଶିଶୁବାଟିକାରେ ଭର୍ତ୍ତି କରାଇବା ପାଇଁ ନିମନ୍ତ୍ରଣ ପତ୍ର ଦେଇଛନ୍ତି। ଏଥିପାଇଁ ବ୍ୟାପକ ଜନସଚେତନତା କାର୍ଯ୍ୟ ହାତକୁ ନିଆଯାଇଛି। ଜିଲ୍ଲା ଶିକ୍ଷାଧିକାରୀ ଅଜୟ କୁମାର ପାତ୍ରଙ୍କ ସହ ଜିଲ୍ଲା ଏସସି ଏସଟି ସଂଯୋଜକ ଡ଼ ସରୋଜ ମୋହନ ପାଳ, ବେଗୁନିଆପଡା ଗୋଷ୍ଠୀ ଶିକ୍ଷାଧିକାରୀ ରୁଦ୍ର ନାରାୟଣ ସାହୁ, ସ୍ଥାନୀୟ ଅଞ୍ଚଳର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ଥିଲେ।

# ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

ବୁଗୁଡ଼ା,୨୩।୩(ସମିସ): ବୁଗୁଡ଼ା ବ୍ଲକ ବାଲିପଦର ଗ୍ରାମ ସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୩୫ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାକେନ୍ଦ୍ରର ସଭାପତି ନାରାୟଣ ସାମନ୍ତରାଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଲିପଦର ଆଞ୍ଚଳିକ ବିଜ୍ଞାନ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡକ୍ଟର ବି.ପ୍ରକାଶ ଚନ୍ଦ୍ର ପାତ୍ର, ମୁଖ୍ୟବକ୍ତା କବିସମ୍ରାଟ ଉପେନ୍ଦ୍ରଭଞ୍ଜ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ କୃତିବାସ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ବାଲିପଦର ସରପଞ୍ଚ ରାଜଲକ୍ଷ୍ମୀ ପ୍ରଧାନ, ସିଆରସିସି ବିଶ୍ୱଜିତ ପରିଡା, ଅଧିବକ୍ତା ଟି.ସୁଦର୍ଶନ ପାତ୍ର, ପ୍ରଧାନାଚାର୍ଯ୍ୟ ଦିଲ୍ଲୀପ କୁମାର ରଥ, ଫ୍ରେଣ୍ଡସ୍ କ୍ଲବ ସଭାପତି ଦେବନାଥ ରଣା, ଡାକ୍ତର କିରଣ କୁମାର ପାତ୍ର ଓ ରାଜେନ୍ଦ୍ର ମହାରଣା ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିବା ସହ ଶ୍ରୀଅରବିନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ଏ ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଇଥିଲା। ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷା ନୟନୀ ମହାରଣା ଉତ୍ସବକୁ ପରିଚାଳନା କରିଥିବା ବେଳେ ଅନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ସହଯୋଗ କରିଥିଲେ।

# ଜନ ଗଣନା ତାଲିମ ଶିବିର

ଧରାକୋଟ,୨୩।୩(ସମିସ): ଧରାକୋଟ ବ୍ଲକର ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟ ବରଡାବିଲିରେ ଜନଗଣନାକାରି ଓ ପରିଦର୍ଶକ ମାନଙ୍କ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚାର୍ଜ ଅଫିସର ଭାବରେ ତହସିଲଦାର ଲମ୍ବୋଦର ମାରାଣ୍ଡି, ଅତିରିକ୍ତ ତହସିଲଦାର ଗଣେଶ ଦଳାଇ, ଏବିଡିଓ ସୁଶିଲ ପଟନାୟକ ଉପସ୍ଥିତ ରହିଥିବା ବେଳେ ମାଷ୍ଟର ଟ୍ରେନର ଭାବରେ ଏବିଇଓ ସୌରୀ ଶଙ୍କର ବେହେରା, ପ୍ରଧାନ ଶିକ୍ଷକ ବିରୁପାକ୍ଷ ପରିଡ଼ା, ହରେକୃଷ୍ଣ ଖଣ୍ଡୁଆଳ ୨୮୪ ଜଣଙ୍କୁ ତାଲିମ ପ୍ରଦାନ କରିବେ। ତିନୋଟି ପର୍ଯ୍ୟାୟରେ ଏହି ତାଲିମ ପ୍ରଦାନ କରାଯିବ। ଜନ ଗଣନା ସମୟରେ ଠିକ ଓ ନିର୍ଭୁଲ ଭାବରେ ତଥ୍ୟ ସଂଗ୍ରହ ଉପରେ ସମସ୍ତଙ୍କୁ ସଚେତନ କରାଯାଇଥିଲା। ଏପ୍ରିଲ ୧୬ ତାରିଖରୁ ଏହି ଜନ ଗଣନା କାର୍ଯ୍ୟ ଆରମ୍ଭ ହେବ। ଶିବିରରେ ବରିଷ୍ଠ ଶିକ୍ଷକ ସନ୍ତୋଷ କୁମାର ପାତ୍ର, ଧୋବା ପ୍ରଧାନଙ୍କ ସମେତ ଅନ୍ୟାନ୍ୟ ଶିକ୍ଷକ ଓ ତହସିଲ କର୍ମଚାରୀ ସହଯୋଗ କରିଥିଲେ।

# ଅବସରପ୍ରାପ୍ତ କର୍ମଚାରୀ ସଂଘର ବୈଠକ

ରମ୍ଭା,୨୩।୩(ସମିସ): ସ୍ଥାନୀୟ ଗାୟତ୍ରୀ ଶକ୍ତିପୀଠ ପରିସରରେ ଗଞ୍ଜାମ ବ୍ଲକ୍ ଅବସରପ୍ରାପ୍ତ କର୍ମଚାରୀ ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ସମ୍ପାଦକ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବାଳକୃଷ୍ଣ ମହାରଣାଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରରେ ସଂଘର ସ୍ଥାୟୀ ସଭାପତି ଶିକ୍ଷାବିତ୍ ବାନମ୍ବର ପଲେଇ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଆଲୋଚକ ଭାବେ ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, କାମରାଜୁ ମହାରଣା, ବିଶିଷ୍ଟ ଶିକ୍ଷାବିତ୍ ବିଜୟ କୁମାର ବିଶ୍ୱାଳ, ରାମଚନ୍ଦ୍ର ବାଡ଼ତ୍ୟା, ପ୍ରସନ୍ନ ମିଶ୍ର, ସୁରେଶ ନାହାକ, ଅବସରପ୍ରାପ୍ତ ସେକ୍ସନ ଅଧିକାରୀ ଅଶୋକ କୁମାର ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ସାହୁ, ବିଜୟକୁମାର ପଣ୍ଡା, ନାରାୟଣ ନାହାକ ପ୍ରମୁଖ ଯୋଗ ଦେଇଥିଲେ। ଭାରତ ସରକାରଙ୍କ ପେନସନ ବୃଦ୍ଧି ବିରୋଧୀ ଭାଲିଡେସନ୍ ଆକ୍ଟ,୨୦୨୫ ଉପରେ ଆଲୋଚନା କରାଯାଇ ଏହାର ଦୃଢ ପ୍ରତିବାଦ କରାଯାଇଥିଲା। ଆଗାମୀ ୨୫ ତାରିଖରେ ଜିଲ୍ଲା ରାଜଧାନୀ ତଥା ସଦର ମହକୁମା ଛତ୍ରପୁର ଠାରେ ସମଗ୍ର ଗଞ୍ଜାମ ଓ ଛତ୍ରପୁର ବ୍ଲକ୍ ତରଫରୁ ଏକ ପ୍ରତିବାଦ ସଭା ଅନୁଷ୍ଠିତ କରାଯାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉଦ୍ଦେଶ୍ୟରେ ଗଞ୍ଜାମ ଜିଲ୍ଲାପାଳଙ୍କ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରାଯିବା ପାଇଁ ଅନୁଷ୍ଠାନ ତରଫରୁ ନିଷ୍ପତ୍ତି ନିଆଯାଇଥିଲା। କୋଷାଧ୍ୟକ୍ଷ ଭଗବାନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ଆରମ୍ଭ ହେଲା ଜନଗଣନା ପ୍ରଶିକ୍ଷଣ

ଆସିକା,୨୩।୩(ସମିସ): ଆସିକା ତହସିଲ ଓ ଏନଏସି ପକ୍ଷରୁ ଡିଜିଟାଲ ଜନଗଣନା ନିମନ୍ତେ ତିନି ଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ସଂଗୀତା ସେନଙ୍କ ସଂଯୋଜନାରେ ଅନୁଷ୍ଠିତ ଶିବିରରେ ପ୍ରଶିକ୍ଷକ ଭାବେ ଆସିକା ପୌର ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେଶ କୁମାର ମହାପାତ୍ର, ବିଇଓ ମୁନରାଣୀ ମହାନ୍ତି, ଶିକ୍ଷକ ରାମନାଥ ପଟନାୟକ, ଶିବଶଙ୍କର ଜେନା, ସୁନୀଲ ମହାରଣା, ସମୀର ନାୟକ ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଡିଜିଟାଲ ଜନ ଗଣନାରେ ଉପସ୍ଥିତ ଥିବା ଜନ ଗଣନାକାରୀ ଓ ସୁପରଭାଇଜର ମାନଙ୍କୁ ସ୍ୱତନ୍ତ୍ର ଡିଜିଟାଲ ଜନ ଗଣନାର ପୃଷ୍ଠ ଭୂମି, ଗୃହ ଗଣନା, ନିଜେ ନିଜକୁ ଗଣନା କରିବା ପକ୍ରିୟା, ଗଣନାକାରୀ ଘରକୁ ଆସିଲେ ସେମାନଙ୍କୁ କିଭଳି ସହଯୋଗ କରାଯିବା ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଆସିକା ବ୍ଲକ ପାଇଁ ଦୁଇଟି ବ୍ୟାଚରେ ପ୍ରାୟ ୯୦ ଜଣ ଓ ପୌରାଞ୍ଚଳ ପାଇଁ ଗୋଟିଏ ବ୍ୟାଚରେ ୩୩ ଜଣଙ୍କୁ ପ୍ରଶିକ୍ଷଣର ବ୍ୟବସ୍ଥା କରାଯାଇଥିଲା।

# ବାବନପୁର ପଞ୍ଚାୟତରେ ଜନଶୁଣାଣି

ଆସିକା,୨୩।୩(ସମିସ): ଆସିକା ବ୍ଲକ ଅନ୍ତର୍ଗତ ବାବନପୁର ପଞ୍ଚାୟତରେ ଜନଶୁଣାଣି ଅନୁଷ୍ଠିତ ହୋଇଥିଲା। ବାବନପୁର ଯୁବ ସରପଞ୍ଚ ସଞ୍ଜୟ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଜନଶୁଣାଣି କାର୍ଯ୍ୟକ୍ରମରେ ଆସିକା ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ବେହେରା, ଏଟିଓ ଅମରେଶ ସାବତ, ସିଡିପିଓ ଶାନ୍ତିସୁଧା କର ପଟ୍ଟନାୟକ, ଯୋଗାଣ ଅଧିକାରୀ ଶର୍ମିଷ୍ଠା ଦଳ ବେହେରା, ପିଇଓ, ଏଡିଇଓ, ଯୋଗାଣ ସହାୟକ, ଜେଇ ଓ ଅନ୍ୟ ବିଭାଗର ଅଧିକାରୀ ଉପସ୍ଥିତ ରହିଥିଲେ। ଅଭିଯୋଗ ଶୁଣାଣିରେ ମଧୁ ବାବୁ ପେନସନ, ଆବାସ ଘର, ରାସନ କାର୍ଡ, ଉନ୍ନୟନମୂଳକ କାର୍ଯ୍ୟ, ମନରେଗା, ଶ୍ରମ, ରାଜସ୍ୱ, ସୁଭଦ୍ରା, ଜଳ ପରିମଳ ଉପରେ ଅଭିଯୋଗ କରିଥିଲେ।

# ମନ୍ଦିର ପ୍ରତିଷ୍ଠା ପାଇଁ ମହିଳାଙ୍କ କଳସ ଯାତ୍ରା

ବେଲଗୁଣ୍ଠା,୨୩।୩(ସମିସ): ବେଲଗୁଣ୍ଠା ବ୍ଲକ ଘୁ. ନୂଆଗାଁ ଓ ଧୁମୁଛାଇ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ମାଁ ଉଗ୍ରତାରା ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଚାଲୁରହିଛି। ପ୍ରତିଷ୍ଠା ଉତ୍ସବର ପ୍ରଥମ ଦିବସରେ ଖୋର୍ଦ୍ଧା ଜିଲ୍ଲା ଭୁସୁଣ୍ଡପାଳ ମାଁ ଉଗ୍ରତାରା ମନ୍ଦିରରୁ ଆଜ୍ଞାମାଳ ଅଣାଯାଇ ବେଲଗୁଣ୍ଠା ସହର ସମେତ ଘୁ. ନୂଆଗାଁ ଓ ଧୁମୁଛାଇ ଗ୍ରାମ ପରିକ୍ରମା କରାଯାଇଥିଲା। ପରେ ଉଭୟ ଗ୍ରାମର ମଧ୍ୟଭାଗ ଛକ ଠାରେ ନିର୍ମିତ ମା' ଉଗ୍ରତାରା ମନ୍ଦିରରେ ଏହା ସ୍ଥାପନ କରାଯାଇଥିଲା। ରବିବାର ଦ୍ୱିତୀୟ ଦିବସରେ ବଡ଼ନଦୀରୁ ଗଙ୍ଗାଜଳ ବରୁଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଭୟ ଗ୍ରାମର ୪ ଶହରୁ ଉର୍ଦ୍ଧ୍ୱ ମହିଳା ଏହି ଜଳଯାତ୍ରାରେ ସାମିଲ ହୋଇଥିଲେ। ମନ୍ଦିର ପ୍ରତିଷ୍ଠା ପରିଚାଳନା କମିଟିଙ୍କ ସହ ଉଭୟ ଗ୍ରାମର ଶତାଧିକ ଯୁବ ସେଚ୍ଛାସେବୀ ସହଯୋଗ କରୁଛନ୍ତି।

# ଦକ୍ଷିଣପୁର ପଞ୍ଚାୟତରେ ଜଣଶୁଣାଣି



କୁକୁଡ଼ାଖଣ୍ଡି,୨୩।୩(ସମିସ): କୁକୁଡ଼ାଖଣ୍ଡି ବ୍ଲକ ଦକ୍ଷିଣପୁର ପଞ୍ଚାୟତରେ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ପଲ୍ଲବୀ ସ୍ୱାଇଁ, ନାଏବ ସରପଞ୍ଚ, ସହକାରୀ ଯନ୍ତ୍ରୀ ଅନୁରାଗ ରଥ ଓ ସମସ୍ତ ଲାଇନ ଅଫିସର ଉପସ୍ଥିତ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ମୋଟ ୫୦ଟି ଅଭିଯୋଗ ଆସିଥିଲା। ଅଭିଯୋଗ ମଧ୍ୟରେ ପେନସନ ସମସ୍ୟା, ସୁଭଦ୍ରା ଯୋଜନାର ଲାଭ ନମିଳିବା, ରାସନ କାର୍ଡ ସମ୍ବନ୍ଧୀୟ ଅସୁବିଧା ଓ ପୋଖରୀ ସମସ୍ୟାକୁ ନେଇ ଅଭିଯୋଗ ହୋଇଥିଲା। ଏହି ଜନଶୁଣାଣି ମାଧ୍ୟମରେ ଲୋକମାନେ ନିଜ ଅସୁବିଧା ସିଧାସଳଖ ଭାବେ ପ୍ରଶାସନଙ୍କ ନଜରକୁ ଆଣିପାରିଥିବାରୁ ସନ୍ତୋଷ ପ୍ରକାଶ କରିଥିଲେ।

# ଗଞ୍ଜାମରେ ସହିଦ ଦିବସ ପାଳିତ



ଗଞ୍ଜାମ,୨୩।୩(ସମିସ): ଗଞ୍ଜାମ ମହାବିଦ୍ୟାଳୟରେ 'ମାଇଁ ଯୁବ ଭାରତ' ପକ୍ଷରୁ ଦିଗଦର୍ଶନ ଫାଉଣ୍ଡେସନ ଆନୁକୂଲ୍ୟରେ ସହିଦ ଦିବସ ପାଳିତ ହୋଇଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ଆଶା ଇକବାଲ ଜାତୀୟ ପୁରସ୍କାରପ୍ରାପ୍ତ ଓଡିଶା ସମ୍ବାଦିକ ସଙ୍ଘ ରାଜ୍ୟ ମହିଳା ଆବାହିକା ବିଜୟଲକ୍ଷ୍ମୀ ମହାଙ୍କୁଡ଼ଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗଞ୍ଜାମ ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ର ଯୋଗଦେଇ ସହିଦ ଭଗତ ସିଂଙ୍କ ଫୋଟ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ମୁଖ୍ୟବକ୍ତା ଭାବେ ଗଞ୍ଜାମ ଥାନା ଅଧିକାରୀ ସୁମିତ୍ରା ପାତ୍ର, ଗଞ୍ଜାମ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ଼ଃ. ସ୍ମରଣିକା ହୋତା, ଗଞ୍ଜାମ ଜିଲ୍ଲା ଜନ ଶିକ୍ଷଣ ସଂସ୍ଥାନ ନିର୍ଦ୍ଦେଶକ ମନୋଜ ବିଶ୍ୱାଳ, ଗଞ୍ଜାମ ପ୍ରେସକ୍ଲବ ସଭାପତି ଶବର ତରାଇ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ସହିଦ ଭଗତ ସିଂ, ସହିଦ ସୁଖଦେବ ଥାପର ଓ ସହିଦ ଶିବରାମ ରାଜଗୁରୁଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଓଡିଶା ସମ୍ବାଦିକ ସଙ୍ଘର ଗଞ୍ଜାମ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଉମାକାନ୍ତ ବେହେରା ସଭାପତିତ୍ୱ କରିଥିଲେ। ଏହି ଅବସରରେ ସ୍ଥାନୀୟ ଦାମୋଦରପୁର ଗ୍ରାମରେ ଏକ ଶୋଭାଯାତ୍ରା ପରିକ୍ରମା କରିଥିଲା। କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ଡ଼ଃ. ସୁଶାନ୍ତ କୁମାର ସେଠୀ, ଦୁର୍ଗାପ୍ରସାଦ ଦାଶ, ଡ଼ଃ ଅନିତା ଦଳାଇ, ଖୁସବୁ ନାଜ, ଡ଼ଃ ଭାରତୀ ଭୂଷଣ ରଥ, ଡ଼ଃ ଲୋକନାଥ ମିଶ୍ର, ସୂର୍ଯ୍ୟନାରାୟଣ ମୁଦୁଲି, ଗିରିଶ ଆଚାର୍ଯ୍ୟ, ରାଧା ରମଣ ପାଢ଼ୀ, ମହାପ୍ରସାଦ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ଗଞ୍ଜାମରେ ଜନଗଣନା ପାଇଁ ପକ୍ରିୟା ଆରମ୍ଭ

ଛତ୍ରପୁର,୨୩।୩(ସମିସ)



ଦେଶରେ ପ୍ରତି ୧୦ ବର୍ଷରେ ଥରେ ହୋଇଥାଏ ୨୦୧୧ ମସିହା ପରେ ୧୫ ବର୍ଷର ବ୍ୟବଧାନ ପରେ ଦେଶରେ ଜନଗଣନା କରାଯିବ। ଜଣେ ସଚେତନ ନାଗରିକ ହିସାବରେ ସମସ୍ତେ ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହ ତଥ୍ୟ ପ୍ରଦାନ କରିବାକୁ ଗଞ୍ଜାମ ଜିଲାପାଳ ଭି.କିର୍ତ୍ତି ଭାସନ ଜିଲାବାସୀଙ୍କୁ ପରାମର୍ଶ ଦେଇଛନ୍ତି। ଆସନ୍ତା ୧୬ରୁ ମେ ୧୫ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ଗଣନାକାର୍ଯ୍ୟ ଜାରି ରହିବ। ଏହି ଜନଗଣନା ପାଇଁ ଗଞ୍ଜାମ ଜିଲ୍ଲାରେ ଆରମ୍ଭ ହୋଇଯାଇଛି ପ୍ରାକ୍ ପ୍ରକ୍ରିୟା। ଜନଗଣନା ପାଇଁ ପୂର୍ବରୁ ପ୍ରଶାସନ ପକ୍ଷରୁ ସୁପରଭାଇଜର ମାନଙ୍କୁ ତାଲିମ ଦିଆସରିଥିବା ବେଳେ ଏବେ ସୁପରଭାଇଜର ମାନେ ଗଣନାକାରୀ ଭାବେ ନିୟୋଜିତ ହୋଇଥିବା ଶିକ୍ଷକମାନଙ୍କୁ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ତାଲିମ ପ୍ରଦାନ କରାଯିବ। ଏନେଇ ଛତ୍ରପୁର ବ୍ଲକରେ ନିୟୋଜିତ ଗଣନାକାରୀଙ୍କୁ ସୋମବାର ଅନସ୍ଲୋ ହାଇସ୍କୁଲ ପରିସରରେ ତାଲିମ ପ୍ରଦାନ କରାଯାଉଛି । ଦୁଇଟି ପର୍ଯ୍ୟାୟରେ ଜନଗଣନା କରାଯିବ। ପ୍ରଥମ ପର୍ଯ୍ୟାୟ ଏପ୍ରିଲ ୧୬ ରୁ ମେ ୧୫ ଓ ପୁଣି ଦ୍ୱିତୀୟ ପର୍ଯ୍ୟାୟ ୯ ଫେବ୍ରୁଆରୀ ୨୦୨୭ରୁ ୨୮ ଫେବ୍ରୁଆରୀ ପର୍ଯ୍ୟନ୍ତ ଜନଗଣନା କାର୍ଯ୍ୟ ଜାରି ରହିବ। ଜନଗଣନା ସମୟରେ ବୟସ, ଲିଙ୍ଗ, ଶିକ୍ଷା, ସାକ୍ଷରତା, ଧର୍ମ, ଭାଷା ଓ ବୈବାହିକ ସ୍ଥିତି, ପାରିବାରିକ ସ୍ଥିତି ଏହିପରି ୩୩ ଗୋଟି ପ୍ରଶ୍ନ ପଚାରିବେ। ଏହି ଜନଗଣନା କିପରି ସଠିକ, ନିର୍ଭୂଲ ଏବଂ ସମ୍ପାଦାନ ହୋଇପାରିବ ସେହିଉପରେ ଗୁରୁତ୍ୱ ଦିଆଯାଇଛି। ତାଲିମ ଶିବିରରେ ଛତ୍ରପୁର ତହସିଲଦାର ଦିବ୍ୟା ମହାନ୍ତି, ଅତିରିକ୍ତ ତହସିଲଦାର ମନୋଜ ପ୍ରଧାନ ଓ ସୁର୍ଜିତା ବେହେରା, ସବିତାରାଣୀ ତ୍ରିପାଠୀ, ପୂର୍ଣ୍ଣବାସୀ ଗୌଡ଼ ଟ୍ରେନର ଭାବେ ତାଲିମ ପ୍ରଦାନ କରିଥିଲେ।

# ପଦ୍ମଶ୍ରୀ ପୂର୍ଣ୍ଣମାସୀ ଯାନୀ ଅସୁସ୍ଥ



ଫୁଲବାଣୀ,୨୩।୩(ସମିସ): ଓଡ଼ିଶାର ଜଣାଶୁଣା ଆଦିବାସୀ ସାଧ୍ୱୀ ତଥା ବିଶିଷ୍ଟ ଆଶୁକବି ପଦ୍ମଶ୍ରୀ ପୂର୍ଣ୍ଣମାସୀ ଯାନୀ ଗୁରୁତର ଅସୁସ୍ଥ ହୋଇପଡ଼ିଛନ୍ତି। ରବିବାର ସକାଳେ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ତାଙ୍କୁ ତୁରନ୍ତ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବର୍ତ୍ତମାନ ସେ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଭେଷଜ ବିଭାଗରେ ବିଶେଷଜ୍ଞ ଡାକ୍ତରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚିକିତ୍ସିତ ହେଉଛନ୍ତି। ୮୨ ବର୍ଷୀୟା ପୂର୍ଣ୍ଣମାସୀ ରବିବାର ସକାଳେ ଶରୀରରେ ଅତ୍ୟଧିକ ଦୁର୍ବଳତା ଓ ଅସହଜ ଅନୁଭବ କରିଥିଲେ। ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ଖଜୁରିପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ମାତ୍ର ସେଠାରେ ପ୍ରାଥମିକ ପରୀକ୍ଷା ପରେ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ଡାକ୍ତରୀ ରିପୋର୍ଟ ଅନୁଯାୟୀ ତାଙ୍କର ଗୋଡ଼ ଓ ହାତ ଫୁଲିଯିବା ସହ ଶରୀରରେ ରକ୍ତହୀନତା ଦେଖାଦେଇଛି। ବୟସାଧିକ କାରଣରୁ ଏବଂ ଶରୀରରେ ରକ୍ତର ପରିମାଣ କମିଯାଇଥିବାରୁ ସେ ଅଧିକ ଦୁର୍ବଳ ହୋଇଯାଇଛନ୍ତି।

ଡାକ୍ତରଙ୍କ କହିବା ଅନୁଯାୟୀ, ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି ଏବଂ ଆବଶ୍ୟକ ଔଷଧ ସହ ତାଙ୍କୁ ସ୍ୱତନ୍ତ୍ର ନିରୀକ୍ଷଣରେ ରଖାଯାଇଛି। ସେ ଶୀଘ୍ର ଆରୋଗ୍ୟ ଲାଭ କରି ପୁଣି ଥରେ ଘରକୁ ଫେରନ୍ତୁ ବୋଲି ସମଗ୍ର ଜିଲ୍ଲାବାସୀ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛନ୍ତି।

# ଉପଡାକଘରେ ୧୦ ଦିନ ହେଲା ଲିଙ୍କ୍ ଫେଲ୍



ଜି.ଉଦୟଗିରି,୨୩।୩(ସମିସ): କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ଦେଶର ସବ ଠାରୁ ବିଶ୍ୱାସନୀୟ ଡାକ ବିଭାଗ ଏବେ ଦିନକୁ ଦିନ ବିଶ୍ୱାସ ହରାଇବାରେ ଲାଗିଛି। ଉପଭୋକ୍ତାଙ୍କ ଆର୍ଥିକ ଦେଣନେଣକୁ ସହଜ ସରଳ କରିବା, ଭବିଷ୍ୟତ ପାଣ୍ଠିକୁ ସୁରକ୍ଷିତ କରିବା ସହିତ ବିଭିନ୍ନ ସରକାରୀ ଯୋଜନାରେ ସାଧାରଣ ଲୋକେ ଲାଭବାନ ହେବା ପାଇଁ କୁହାଯାଉଥିବା ବେଳେ ସେହି ହିସାବ ଭିତ୍ତିଭୂମି ସୁଦୃଢ କରାଯାଉ ନାହିଁ। ଫଳରେ ଅସଲ ଲକ୍ଷ୍ୟ ପୂରଣ ହୋଇପାରୁନଥିବା ବେଳେ ଲୋକେ ନାହିଁ ନଥିବା ହଇରାଣ ହେଉଥିବା ଦେଖିବାକୁ ମିଳିଛି। ଏଭଳି ବିକଳ ଚିତ୍ର ଜି .ଉଦୟଗିରି ବରାଳିନୀ ମାର୍କେଟରେ ଥିବା କୋର୍ଟଷ୍ଟ୍ରିଟ ଉପ ଡାକଘରେ ଦେଖିବାକୁ ମିଳିଛି। ୧୦ ଦିନ ହେଲା ଲିଙ୍କ୍ ଫେଲ ଥିବାବେଳେ ଲୋକେ ଟଙ୍କା ଜମା କି ଉଠାଣ କରି ପାରୁନାହାନ୍ତି। ଏଭଳି ଅବସ୍ଥାରେ୧୦ ଦିନ ବିତି ଯାଇଥିଲେ ମଧ ବ୍ୟବସ୍ଥିତ ହୋଇ ନ ପାରିବା କାରଣରୁ ଅସନ୍ତୋଷ ବୃଦ୍ଧି ପାଉଛି। ଟଙ୍କା ଉଠାଣ କରିବାକୁ ଯାଇ ୧୦ଦିନ ହେଲା ଫେରୁଛନ୍ତି ବୋଲି କହିଛନ୍ତି ଶିକ୍ଷକ ଲୋକନାଥ ବାରିକ। ଶିକ୍ଷକତାରୁ ଅବସର ନେବା ପରେ ପାରାଦ୍ୱୀପରେ ରହୁଥିବା ବେଳେ ଟଙ୍କା ଉଠାଣ ପାଇଁ ଜି.ଉଦୟଗିରି ଆସିଥିଲେ। କିନ୍ତୁ ଲିଙ୍କ ନଥିବାରୁ ହୀନସ୍ତା ହେଉଛନ୍ତି। ସେହିଭଳି ଭଞ୍ଜନଗରରୁ ଆସି ସମ୍ପର୍କୀୟ ନିରାଶ ହୋଇ ଫେରୁଥିବା କହିଛନ୍ତି ବରିଷ୍ଠ ନାଗରିକ ବିନୋଦ ବିହାରୀ ଦାଶ। ଯଦି ଜି.ଉଦୟଗିରି ସହରର ଅବସ୍ଥା ଏହି ଭଳି ତାହାହେଲେ ଗ୍ରାମାଞ୍ଚଳର ଅବସ୍ଥା କେମିତି ଥିବ ତାହା ଅନୁମେୟ। ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ଦାବି ହେଉଛି।

# ସ୍ୱାଧୀନତା ସଂଗ୍ରାମୀ ଓ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଅନାବରଣ



ରାୟଗଡ,୨୩।୩(ସମିସ): ଆଜି ସହିଦ ଦିବସ ଅବସରରେ ରାୟଗଡ଼ ବ୍ଲକ ସ୍ଥାନୀୟ ସରକାରୀ (ଏସ୍ଏସ୍ଡି) ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସହିଦ ସ୍ୱାଧୀନତା ସଂଗ୍ରାମୀ ଓ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ସହିଦ ଭଗତ୍ ସିଂ, ରାଜଗୁରୁ, ସୁଖଦେବଙ୍କ ସମେତ ବଲ୍ଲଭ ଭାଇ ପଟେଲ, ଚନ୍ଦ୍ରଶେଖର ଆଜାଦ୍, ମଙ୍ଗଳ ପାଣ୍ଡେ, ଛତ୍ରପତି ମହାରାଜ ଶିବାଜୀ, ମହାରାଣା ପ୍ରତାପ, ସର୍ବପଲ୍ଲୀ ରାଧାକ୍ରିଷ୍ଣନ, ଏପିଜେ ଅବ୍ଦୁଲ୍ କାଲାମ୍, ପଠାଣି ସାମନ୍ତ, ସମ୍ବିଧାନ ପ୍ରଣେତା ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିକୁ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର, ରାୟଗଡ଼ ପଞ୍ଚାୟତ ସମିତି ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକ, ଉପାଧ୍ୟକ୍ଷ ଜ୍ୟୋତି ପ୍ରସାଦ ପାଣି, ବରିଷ୍ଠ ନେତା ଅନ୍ତର୍ଯ୍ୟାମୀ ଗମାଙ୍ଗ, ଜିଲ୍ଲା ମଙ୍ଗଳ ଅଧିକାରୀ ସଲୋମନ୍ ରାଇକା, ମଣ୍ଡଳ ଶିକ୍ଷା ନୀରୀକ୍ଷକ ଶ୍ୟାମଘନ ଭୂୟାଁ, ଜିଲ୍ଲା ଶିକ୍ଷା ନିରୀକ୍ଷକ ରମେଶ ଚନ୍ଦ୍ର ଦାସଙ୍କ ଉପସ୍ଥିତ ରହି ଅନାବରଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ ଏହି ବିଦ୍ୟାଳୟରେ ୨୭ଜଣ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ବୈଜ୍ଞାନିକ, ଶିକ୍ଷାବିତ, କ୍ରୀଡ଼ାବିତଙ୍କ ପ୍ରତିମୂର୍ତ୍ତିଙ୍କ ଏଠାରେ ସ୍ଥାପନ କରାଯାଇଛି।

# ବିଜୁଳି କି ପାଣି ନାହିଁ, ପାଚେରି ମୁକୁଳା

**କୋମାରେ ଡାଞ୍ଜୁର୍ବା ଆମ ଅଙ୍ଗନବାଡ଼ି କେନ୍ଦ୍ର**

ମୋହନା,୨୩।୩(ସମିସ)





ଗଜପତି ଜିଲ୍ଲାରେ ସାତଟି ବ୍ଲକ ଥିବା ବେଳେ ଅଧିକାଂଶ ବ୍ଲକରେ ଆମ ଅଙ୍ଗନବାଡି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ। ଆଉ ଯେଉଁଠାରେ ଗୃହ ଅଛି କୌଣସି ଅନୁସଙ୍ଗିକ ବ୍ୟବସ୍ଥା ନାହିଁ। ଆଉ କେତେକ ସ୍ଥାନରେ ଅଙ୍ଗନବାଡ଼ି କର୍ମୀଙ୍କ ଘରେ ଛୋଟ ଛୋଟ କୋମଳମତି ଶିଶୁଙ୍କୁ ଶିକ୍ଷା ଦାନ କରାଯାଉଥିବା ବେଳେ କେତେକ ସ୍ଥାନରେ ନିଜସ୍ୱ ଗୃହ ଥାଇ ବି କିଛି ଭିତ୍ତିଭୂମି ନ ଥିବା ଦେଖିବାକୁ ମିଳୁଛି। ପାନୀୟ ଜଳ ଠାରୁ ଆରମ୍ଭ କରି ବିଦ୍ୟୁତ ବ୍ୟବସ୍ଥା, ପାଚେରି ନିର୍ମାଣ ଏମିତି କି ଶିଶୁଙ୍କ ଖେଳିବା ପାଇଁ ମଧ୍ୟ ସ୍ଥାନ ଅଭାବ ଦେଖିବାକୁ ମିଳୁନି। ଜିଲ୍ଲାର ମୋହନା ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧୀନରେ ଥିବା କଟାମା ପଞ୍ଚାୟତର ଡାଞ୍ଜୁର୍ବା ଆମ ଅଙ୍ଗନବାଡ଼ି କେନ୍ଦ୍ରରେ ୧୬ଜଣ ଶିଶୁ ଅଛନ୍ତି। କିନ୍ତୁ କେନ୍ଦ୍ରରେ କୌଣସି ଆନୁଷଙ୍ଗିକ ବ୍ୟବସ୍ଥା ନାହିଁ। ଏଠାରେ ନା ଅଛି ପାନୀୟ ଜଳର ବ୍ୟବସ୍ଥା, ନା ଅଛି ବିଦ୍ୟୁତ, ନା ଅଛି ପାଚେରୀ। ଏମିତି କି ଶିଶୁଙ୍କ ପାଇଁ ଖେଳିବାକୁ ସ୍ଥାନ ମଧ୍ୟ ନାହିଁ। ଫଳରେ ସମସ୍ତ ସରକାରୀ ସୁବିଧାରୁ ଦୀର୍ଘଦିନ ହେବ ବଞ୍ଚିତ ଅଛନ୍ତି ଏଠାକାର ଶିଶୁ। ପାଣି ନ ଥିବାରୁ ବହୁ ଦୂରରୁ ପାଣି ଆଣି ଶିଶୁଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରାଯାଉଥିବା ପାଚିକା କହିଛନ୍ତି। ଏବେ ଗ୍ରୀଷ୍ମଋତୁ ବେଳେ କେନ୍ଦ୍ରରେ ବିଦ୍ୟୁତ ନଥିବାରୁ ପିଲାମାନେ କଷ୍ଟରେ ପାଠ ପଢୁଛନ୍ତି। କେନ୍ଦ୍ରରେ ପାଚେରି ନ ଥିବା ହେତୁ ଅସାମାଜିକ ବ୍ୟକ୍ତି ଏବଂ ପଶୁପକ୍ଷୀ କେନ୍ଦ୍ର ଭିତରକୁ ପଶି ଆସୁଛନ୍ତି। କେନ୍ଦ୍ରରେ ୩ ବର୍ଷରୁ ଅଧିକ ହେବ ପାଣି ମୋଟର ଖରାପ ହୋଇଯାଇଛି। ଏହାର ମରାମତି ହୋଇପାରୁନି। ଯାହା ଫଳରେ ପାଣି ସମସ୍ୟା ଦେଖାଦେଇଛି। ଏହି ପରି ଏହି କେନ୍ଦ୍ର ରେ ବିଭିନ୍ନ ସମସ୍ୟା ଲାଗି ରହିଛି। କର୍ମଚାରୀ ଠାରୁ ଆରମ୍ଭ କରି ଗ୍ରାମବାସୀ ଏହାର ତୁରନ୍ତ ସମାଧାନ ପାଇଁ ଦାବି କରିଛନ୍ତି। ଏହି ସମସ୍ୟା ବିଷୟରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ କରାଯିବା ପରେ ମଧ ଏହାର ସମାଧାନ ହୋଇ ହୋଇପାରୁନି ବୋଲି ଗ୍ରାମବାସୀ କହିଛନ୍ତି। ସମନ୍ୱିତ ଶିଶୁ ବିକାଶ ଅଧିକାରିଣୀଙ୍କ ସହ ଆଲୋଚନା କରି ସମସ୍ତ ସମସ୍ୟାର ସମାଧାନ କରାଯିବ ବୋଲି ଏନେଇ ମୋହନା ବିଡ଼ିଓ ରାଜୀବ ଦାସ କହିଛନ୍ତି।

# ଗାଁ ମୁହାଁ ହାତୀ; ଗ୍ରାମବାସୀ ଆତଙ୍କିତ

**ଗତ ସପ୍ତାହରେ ୩ଜଣଙ୍କୁ ମାରିଥିଲା**



ଫୁଲବାଣୀ/ଜି.ଉଦୟଗିରି,୨୩।୩(ସମିସ): ଜି.ଉଦୟଗିରି ବନାଞ୍ଚଳରେ ଏବେ ଏକ ଦନ୍ତା ହାତୀ ଆତଙ୍କ ଖେଳାଇଛି। କିଛିଦିନ ହେବ ଏହି ଦନ୍ତାହାତୀ ଜନବସତି ମୁହାଁ ହେଉଥିବାରୁ ସ୍ଥାନୀୟ ଅଞ୍ଚଳର ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ବିଶେଷ କରି ପିଡ଼ିକାମାହା, ରେଡ଼ି ଏବଂ ମାଲାନସୁଗା ଗ୍ରାମରେ ହାତୀ ପଶି ଆସୁଥିବାରୁ ଗ୍ରାମବାସୀ ରାତି ଅନିଦ୍ରା ହୋଇ ରହୁଛନ୍ତି। ହାତୀ ଖାଦ୍ୟ ସନ୍ଧାନରେ ଜଙ୍ଗଲ ଛାଡ଼ି ଗାଁ ଭିତରକୁ ପଶି ଆସୁଛି। ଗତକାଲି ବିଳମ୍ବିତ ରାତିରେ ହାତୀ ଗ୍ରାମ ନିକଟରେ ବୁଲୁଥିବା ଦେଖିବାକୁ ମିଳିଥିଲା। ହାତୀକୁ ଦେଖିବା ପରେ ଗ୍ରାମବାସୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ଭୟରେ ଲୋକେ ଚାଷ କାମ କିମ୍ବା ଜଙ୍ଗଲକୁ କାଠ ସଂଗ୍ରହ କରିବାକୁ ଯିବାକୁ ସାହସ କରୁନାହାଁନ୍ତି। ଏହି ଦନ୍ତା ହାତୀ ପୂର୍ବରୁ ପାବୁରିଆ ଅଞ୍ଚଳରେ ୩ ଜଣଙ୍କୁ ମାରିଥିବା ଅଭିଯୋଗ ହୋଇଛି। ହାତୀର ଏହି ହିଂସ୍ର ରୂପ ବିଷୟରେ ଜାଣିବା ପରେ ସ୍ଥାନୀୟ ଲୋକଙ୍କ ମନରେ ଛନକା ପଶିଛି। ହାତୀ କେତେବେଳେ କାହା ଉପରେ ଆକ୍ରମଣ କରିବ, ସେହି ଚିନ୍ତାରେ ସମସ୍ତେ ସଜାଗ ରହିଛନ୍ତି। ଘଟଣା ସମ୍ପର୍କରେ ଖବର ପାଇବା ପରେ ବନ ବିଭାଗର କର୍ମଚାରୀ ତୁରନ୍ତ ସେଠାରେ ପହଞ୍ଚିଛନ୍ତି। ହାତୀକୁ ଜଙ୍ଗଲ ଆଡ଼କୁ ଘଉଡ଼ାଇବା ପାଇଁ ବନ ବିଭାଗ ପକ୍ଷରୁ ସମସ୍ତ ପ୍ରକାର ଉଦ୍ୟମ କରାଯାଉଛି। ବନ କର୍ମଚାରୀ ଡାକବାଜି ଯନ୍ତ୍ର ସାହାଯ୍ୟରେ ଲୋକଙ୍କୁ ସତର୍କ କରାଉଛନ୍ତି ଏବଂ ସନ୍ଧ୍ୟା ପରେ ଘରୁ ବାହାରକୁ ନ ବାହାରିବା ପାଇଁ ପରାମର୍ଶ ଦେଇଛନ୍ତି। ଏହା ସହିତ ଲାଇଟ୍ ଏବଂ ଶବ୍ଦ କରି ହାତୀକୁ ଜନବସତି ଠାରୁ ଦୂରେଇ ରଖିବାକୁ ଚେଷ୍ଟା କରାଯାଉଛି। ବର୍ତ୍ତମାନ ପରିସ୍ଥିତି ଉପରେ ବନ ବିଭାଗ କଡ଼ା ନଜର ରଖିଥିବା ବେଳେ ଗ୍ରାମବାସୀଙ୍କୁ ଭୟଭୀତ ନହେବା ପାଇଁ ନିବେଦନ କରିଛି। ହାତୀ ଜଙ୍ଗଲକୁ ନଫେରିବା ପର୍ଯ୍ୟନ୍ତ ଏହି ଆତଙ୍କ ଲାଗିରହିବ ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି।

# କାଶୀନଗର ତହସିଲରେ ଜନଗଣନା ତାଲିମ



କାଶୀନଗର,୨୩।୩(ସମିସ): କାଶୀନଗର ତହସିଲ କାର୍ଯ୍ୟାଳୟ ସଭାଗୃହରେ ଜନଗଣନା ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଜନଗଣନା ଅଧିକାରୀ ଦାୟିତ୍ୱରେ ଥିବା ତହସିଲଦାର ସୁଧୀର କୁମାର ନନ୍ଦଙ୍କ ତତ୍ତ୍ୱାବଧାନରେ ଏହି ତାଲିମ ଆରମ୍ଭ ହୋଇଛି। ତାଲିମ ଆଜିଠାରୁ ଆରମ୍ଭ ହୋଇ ଏପ୍ରିଲ ୧ତାରିଖରେ ଶେଷ ହେବ ବୋଲି ସୂଚନା ମିଳିଛି। ୧୨୬ ଜଣ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କୁ ନେଇ ଗଣନାକାରୀ ଏବଂ ପର୍ଯ୍ୟବେକ୍ଷକ ଭାବରେ ତାଲିମ ଦିଆଯାଉଥିବା ଜନଗଣନା ଅଧିକାରୀ ସୂଚନା ଦେଇଛନ୍ତି। ୩ ବ୍ୟାଚ ମାଧ୍ୟମରେ ୧୨୬ ଜଣଙ୍କୁ ତାଲିମ ଦିଆଯାଉଥିବା ବେଳେ କାର୍ଯ୍ୟକ୍ରମରେ ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି ଦେବାଶିଷ ମାଣ୍ଡାଙ୍ଗୀ ଓ ଜିତେନ୍ଦ୍ର କୁମାର ଗୌଡ଼। ତାଲିମପ୍ରାପ୍ତ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ସାଧାରଣତଃ ଗମନକାରୀ ଓ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ପର୍ଯ୍ୟବେକ୍ଷକ ଭାବେ କାର୍ଯ୍ୟ କରିବେ। ତାଲିମରେ ଏକ ମୋବାଇଲ ଆପ ମାଧ୍ୟମରେ ଜନଗଣନା ଡାଟା ସଂଗ୍ରହ କରାଯିବା ନେଇ ତାଲିମ ଦିଆଯିବ ଓ ଏହି ପ୍ରକ୍ରିୟାରେ ଯେପରି ୧୦୦ ପ୍ରତିଶତ ଡିଜିଟାଲ ତଥ୍ୟ ସଂଗ୍ରହ ଅନ୍ତର୍ଭୁକ୍ତ ହୋଇପାରିବ ସେଥିପ୍ରତି ଗୁରୁତ୍ୱ ଦିଆଯାଉଛି। ସେହିପରି ଆଗାମୀ ଦିନରେ ଜନଗଣନା ଆରମ୍ଭ ହେବାକୁ ଥିବାବେଳେ ଦାୟିତ୍ୱରେ ଥିବା ଗଣନାକାରୀ କର୍ମଚାରୀ ଓ ପର୍ଯ୍ୟବେକ୍ଷକଙ୍କୁ କାଶୀନଗର ସମସ୍ତ ଜନସାଧାରଣ ସହଯୋଗ କରିବା ନେଇ ସୂଚନା ଦେଇଛନ୍ତି ତହସିଲଦାର।

# ଟିକାବାଲିରେ ବିଜେଡିର ବିଶାଳ କର୍ମୀ ସମ୍ମିଳନୀ



ଟିକାବାଲି,୨୩।୩(ସମିସ): ଟିକାବାଲି ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ସ୍ଥାନୀୟ ଅଞ୍ଚଳରେ ଏକ ବିଶାଳ ବ୍ଲକସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଦିନରେ ଦଳୀୟ ସଂଗଠନକୁ ଅଧିକ ସୁଦୃଢ଼ କରିବା ଏବଂ ଜନକଲ୍ୟାଣକାରୀ ଯୋଜନାକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ଲକ୍ଷ୍ୟରେ ଆୟୋଜିତ ଏହି ସମ୍ମିଳନୀରେ ବିଜେଡିର ଶକ୍ତି ପ୍ରଦର୍ଶନ ଦେଖିବାକୁ ମିଳିଛି। ଟିକାବାଲି ବ୍ଲକ ବିଜେଡି ସଭାପତି ସତ୍ୟବାନ କହଁରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ମନ୍ତ୍ରୀ ପଦ୍ମନାଭ ବେହେରା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜି. ଉଦୟଗିରି ବିଧାୟକ ତଥା ପୂର୍ବତନ ଉପବାଚସ୍ପତି ସାଲୁଗା ପ୍ରଧାନ ଯୋଗ ଦେଇ କର୍ମୀଙ୍କୁ ଉତ୍ସାହିତ କରିବା ସହ ଦଳର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମିଳନୀରେ ଉଦବୋଧନ ଦେଇ ବରିଷ୍ଠ ନେତୃବୃନ୍ଦ କର୍ମୀଙ୍କୁ ଦଳର ମେରୁଦଣ୍ଡ ଭାବେ ଅଭିହିତ କରିଥିଲେ। ପୂର୍ବତନ ମନ୍ତ୍ରୀ ଶ୍ରୀ ବେହେରା ଟିକାବାଲି ଅଞ୍ଚଳରେ ବିଜେଡିର ସଂଗଠନ ସର୍ବଦା ଶକ୍ତିଶାଳୀ ରହିଛି ଏବଂ କର୍ମୀମାନଙ୍କ ନିଷ୍ଠା ବଳରେ ଆଗାମୀ ଦିନରେ ଏହା ଆହୁରି ସୁଦୃଢ଼ ହେବ ବୋଲି କହିଥିଲେ। ସେହିପରି ବିଧାୟକ ଶ୍ରୀ ପ୍ରଧାନ ଅଞ୍ଚଳର ବିକାଶମୂଳକ କାର୍ଯ୍ୟ ଏବଂ ସାଧାରଣ ଲୋକଙ୍କ ସମସ୍ୟାର ସମାଧାନ ପାଇଁ କର୍ମୀଙ୍କୁ ସଜାଗ ରହିବାକୁ ପରାମର୍ଶ ଦେଇଥିଲେ। କର୍ମୀ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଟିକାବାଲି ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ଦିଗାଳ, ଜିଲ୍ଲା ଉପାଧ୍ୟକ୍ଷା ସାଧବାଣୀ ନାୟକ, ପୂର୍ବତନ ଟିକାବାଲି ବିଧାୟକ ପ୍ରତିନିଧି ତନୁଜ କୁମାର ଭୋଇ, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରତାପ ଦାସ, ଚକାପାଦ ବିଜେଡି ସଭାପତି ପ୍ରେମା ପ୍ରଧାନ, ଚକାପାଦ ବ୍ଲକ ଅଧ୍ୟକ୍ଷା ବୈନେତ୍ରୀ କହଁର, ଜିଲ୍ଲା ବିଜେଡି ଯୁବ ସଭାପତି ଓ ରାଇକିଆ ବ୍ଲକ ବିଜେଡି ସଭାପତି ଉପସ୍ଥିତ ରହି ଦଳୀୟ ରଣନୀତି ଉପରେ ଆଲୋଚନା କରିଥିଲେ। ସେମାନଙ୍କ ସହ ବିଭିନ୍ନ ପଞ୍ଚାୟତରୁ ଆସିଥିବା ସରପଞ୍ଚ, ସମିତିସଭ୍ୟ ଓ ସଭ୍ୟାଙ୍କ ସମେତ ବ୍ଲକର କୋଣ ଅନୁକୋଣରୁ ହଜାରେରୁ ଅଧିକ ସକ୍ରିୟ ବିଜେଡି କର୍ମୀ ସାମିଲ ହୋଇଥିଲେ। ବିଜେଡିର ଏହି ବିଶାଳ ସମ୍ମିଳନୀ ଟିକାବାଲି ଅଞ୍ଚଳର ରାଜନୈତିକ ବାତାବରଣକୁ ବେଶ ସରଗରମ କରିଛି।

# ଜୁନିଅର ରେଡ୍କ୍ରସର ଦିନିକିଆ ତାଲିମ ଶିବିର



ପାରଳାଖେମୁଣ୍ଡି,୨୩।୩(ସମିସ): ଭାରତୀୟ ରେଡକ୍ରସ ଓଡ଼ିଶା ରାଜ୍ୟ ଶାଖା ଓ ଗଜପତି ଜିଲ୍ଲା ଜୁନିଅର ରେଡକ୍ରସର ମିଳିତ ଆନୁକୂଲ୍ୟରେ ପାରଳାଖେମୁଣ୍ଡି ସ୍ଥିତ ମହେନ୍ଦ୍ରଗିରି ସରକାରୀ ପୌର ଉଚ୍ଚ ବିଦ୍ୟାଳୟରେ ଏକ ଦିବସୀୟ ମେକ୍ ଏ ଚେଞ୍ଜ ଇନିସିଏଟିଭ୍ ଅଧୀନରେ ଅନୁସୂଚିତ ଜାତି ଓ ଜନଜାତି ବାଳିକା ସଶକ୍ତିକରଣ ଏବଂ ଅନାଥ ଶିଶୁଙ୍କ ପାଇଁ କ୍ଷମତା ନିର୍ମାଣ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷାଧିକାରୀ ଡ଼.ମାୟାଧର ସାହୁଙ୍କ ନିର୍ଦ୍ଦେଶ କ୍ରମେ ଏବଂ ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ଏସ. ଗିରିଧାରୀଙ୍କ ଉପସ୍ଥିତିରେ ଓ ଜିଲ୍ଲା କ୍ରୀଡ଼ା ଶିକ୍ଷାଧିକାରୀ ସୁରେନ୍ଦ୍ର କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ଓ ଜିଲ୍ଲା ରେଡକ୍ରସ ଅଧିକାରୀ ସଂଜୀବ କୁମାର ଦାସ ଓ ବରିଷ୍ଠ ସମ୍ବଳ ସାଧନ କର୍ମୀ ସୁବାସ ଚନ୍ଦ୍ର ସାହୁଙ୍କ ସଂଯୋଜନାରେ, ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ମାର୍ଗଦର୍ଶନରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ରୂପେ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଏ. ରବି କୁମାର, ମୁଖ୍ୟବକ୍ତା ଭାବେ ଗାନ୍ଧୀ ମେମୋରିଆଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଏସ. ତିରୁପତି ଯୋଗ ଦେଇ ବିଦ୍ୟାର୍ଥୀଙ୍କୁ ଉତ୍ସାହିତ କରିବା ସହ ଜିଲ୍ଲା ରେଡକ୍ରସର ସକ୍ରିୟ ସମ୍ବଳ ସାଧନ କର୍ମୀ ପ୍ରହ୍ଲାଦ ଶିଅଳ, ମୁକ୍ତିକାନ୍ତ ମଲ୍ଲିକ୍, ନୀତେଶ ଲେଙ୍କା ସମ୍ବଳ ସାଧନ କର୍ମୀ ଭାବେ ଯୋଗଦାନ କରି ଶିକ୍ଷାର୍ଥୀ ମାନଙ୍କୁ ଶିକ୍ଷା ପ୍ରଦାନ କରିବା ସହିତ ରେଡକ୍ରସ ଲକ୍ଷ୍ୟ ଓ ଉଦେଶ୍ୟ ବିଷୟରେ ଅବଗତ କରାଇଥିଲେ। ଏହି ଶିବିରରେ ଜିଲ୍ଲାର ୧୦୦ ଜଣ ବାଳିକା ଜୁନିଅର ଯୋଗଦାନ କରି ରେଡକ୍ରସର ଇତିହାସ ଓ ବିଦ୍ୟାଳୟ ସ୍ତରରେ ରେଡକ୍ରସର ଭୁମିକା, ପ୍ରାଥମିକ ଚିକିତ୍ସା, ସଡ଼କ ସୁରକ୍ଷା, ବିଦ୍ୟାଳୟ ନିରାପତ୍ତା, ରକ୍ତଦାନ, ପ୍ରାକୃତିକ ବିପର୍ଯ୍ୟୟ ଓ ପ୍ରଶମନ, ସାପ କାମୁଡା, କୁକୁର କାମୁଡା ,ସାଇବର ସୁରକ୍ଷା, ତମାଖୁ ବର୍ଜନ, ବଜ୍ରପାତରୁ ସୁରକ୍ଷା ଓ ଏଚ.ଆଇଭି ଏଡ଼ସ ଆଦି ବିଷୟରେ ଶିକ୍ଷା ପ୍ରଦାନ କରି ସମସ୍ତଙ୍କୁ ସଚେତନ କରାଇଥିଲେ। ଶିବିରରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ସହଯୋଗ କରିବା ସହ ପରିଚାଳନା କମିଟିର ସମସ୍ତ ସହକର୍ମୀ ଯୋଗଦାନ କରିଥିଲେ। ପରିଶେଷରେ ସମସ୍ତଙ୍କୁ ରାଜ୍ୟ ଜୁନିଅର ରେଡକ୍ରସ ତରଫରୁ ସ୍କାର୍ଫ, ଓଗଲ, ବ୍ୟାଚ୍, ଖାତା, କଲମ ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ଉତ୍ସବ ରେ ରାଜ୍ୟ ଜୁନିଅର ରେଡକ୍ରସ ଅଧିକାରୀ ଲକ୍ଷ୍ମଣ କୁମାର ସ୍ୱାଇଁଙ୍କୁ ଗଜପତି ଜିଲ୍ଲା ଜୁନିଅର ରେଡକ୍ରସ ତରଫରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା।

# ଅସରାଏ ବର୍ଷା ପରେ ରାଜ୍ୟ ରାଜପଥରେ ଭାସିଲା ଡ୍ରେନ୍ପାଣି



**ବିପର୍ଯ୍ୟସ୍ତ ଡ୍ରେନେଜ୍ ବ୍ୟବସ୍ଥା**

ପାରଳାଖେମୁଣ୍ଡି,୨୩।୩(ସମିସ): ପାରଳାଖେମୁଣ୍ଡି ସହରରେ ଆଜି ଅପରାହ୍ନ ୫ଟାରେ କାଳବୈଶାଖୀ ପ୍ରଭାବରେ ପ୍ରାୟ ଅଧଘଣ୍ଟା ଧରି ବର୍ଷା ହୋଇଥିଲା। ହେଲେ ସହରରେ ଡ୍ରେନେଜ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡ଼ିଥିବାରୁ ଦୂଷିତ ଜଳ ନିଷ୍କାସିତ ହୋଇ ନପାରି ରାସ୍ତା ଉପରେ ଭାସୁଥିବା ଦେଖାଯାଇଥିଲା। ଫଳରେ ଯାତ୍ରୀ ନାହିଁ ନଥିବା ହୀନସ୍ତା ହୋଇଥିଲେ। ସହରରେ ଡ୍ରେନେଜ ବ୍ୟବସ୍ଥା ଶୋଚନୀୟ ହୋଇପଡ଼ିଛି। ପୁରାତନ ନାଳଗୁଡିକର ପୁନରୁଦ୍ଧାର ନାମରେ ନିମ୍ନ ତଥା ଯୋଜନା ବିହୀନ ଭାବେ କାର୍ଯ୍ୟ କରାଯାଇଥିବାରୁ ଅସରାଏ ବର୍ଷା ହେଲେ ବର୍ଷା ତଥା କର୍ଦ୍ଦମାକ୍ତ ଜଳ ସଠିକ ଭାବେ ନିଷ୍କାସିତ ନ ହୋଇପାରି ରାସ୍ତା ଉପରେ ଭାସୁଛି। ଏହାସହ ଅଞ୍ଚଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ପୂର୍ତ୍ତ ବିଭାଗ ସହରର ମୁଖ୍ୟରାସ୍ତା ସମେତ ରାଜ୍ୟରାଜପଥ ତଟରେ ନାଳ କାମ ନ କରିବା ଯୋଗୁଁ ଏପରି ସମସ୍ୟା ଉପୁଜିଥିବା କୁହାଯାଉଛି। ପାରଳାଖେମୁଣ୍ଡି ସହର ଠାରୁ ରାଣୀପେଣ୍ଠ ଗ୍ରାମ ରାଜ୍ୟ ରାଜପଥରେ ପୁରାତନ ନାଳ ରହିଥିଲେ ମଧ ରାସ୍ତାର ଉନ୍ନୟନ ନାମରେ ଧୀରେ ଧୀରେ ନାଳ ଗୁଡିକ ସଂକୁଚିତ କରାଯାଉଛି। ରାସ୍ତା ସମ୍ପ୍ରସାରଣ ନାମରେ ପୋତି ଦିଆଯାଉଛି। ଏହି ରାସ୍ତା ପାରଳାଖେମୁଣ୍ଡି ସହରର ପ୍ରମୁଖ ରାସ୍ତା ହୋଇଥିଲେ ହେଁ ବର୍ଷା ହେଲେ ନାଳ ସମସ୍ୟା ଯୋଗୁ କର୍ଦ୍ଦମାକ୍ତ ହୋଇପଡୁଛି। ଜଳ ଶୁଖିବା କିମ୍ବା ନିଷ୍କାସିତ ପର୍ଯ୍ୟନ୍ତ ଯାତାୟାତ କରୁଥିବା ଲୋକେ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜବରଦଖଲକାରୀ ନାଳ ଉପରେ ବାସଗୃହ କରିଥିବା ବେଳେ ଉଭୟ ପୂର୍ତ୍ତ ବିଭାଗ ଓ ପୌରପରିଷଦ ତରଫରୁ ପୁନରୁଦ୍ଧାର ତଥା ନୂତନ ଭାବେ ନାଳ ନିର୍ମାଣରେ ତ୍ରୁଟିପୂର୍ଣ୍ଣ ଯୋଜନା ବା ଦାୟିତ୍ୱହୀନତା କାର୍ଯ୍ୟ ଯୋଗୁଁ ନିଷ୍କାସନ ବ୍ୟବସ୍ଥାରେ ବ୍ୟାପକ ତ୍ରୁଟି ପରିଲକ୍ଷିତ ହେଉଛି। ସହରରେ ଡ୍ରେନେଜ୍ ସୁବିଧା ଠିକ ନଥିବା ଯୋଗୁ ଏଭଳି କୃତ୍ରିମ ବନ୍ୟା ଦେଖାଯାଉଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଏନେଇ ପୌରପରିଷଦର ବିଭିନ୍ନ ସ୍ତରରେ ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳିନଥିବା ଅଞ୍ଚଳବାସୀ କହିଛନ୍ତି।

# ରାୟଗଡ଼ରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି




ରାୟଗଡ,୨୩।୩(ସମିସ): ରାୟଗଡ଼ ବ୍ଲକ ସଦଭାବନା ସଭା ଗୃହରେ ଗ୍ରାମ୍ୟମୁଖୀ ପ୍ରଶାସନର ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଶୁଣାଣିରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗୱାଲ, ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ପୃଥ୍ୱୀରାଜ ମଣ୍ଡଳ, ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା, ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଅଂଶୁମାନ ମହାପାତ୍ର ଯୋଗ ଦେଇଥିଲେ। ରାୟଗଡ଼ ବ୍ଲକ ପଞ୍ଚାୟତ ସମିତିର ୫୨ ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥିରୁ ବ୍ୟକ୍ତିଗତ ଅଭିଯୋଗ ୧୪ ଓ ସାମୂହିକ ୩୮ ଅଭିଯୋଗ ଆସିଥିଲା। ସମସ୍ତ ଅଭିଯୋଗର ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ସରକାରଙ୍କ ନିୟମାବଳୀ ଅନୁଯାୟୀ ସେଟେଲମେଣ୍ଟ ପଟ୍ଟା ନଥିଲେ ମଧ ଜାତିଗତ ପ୍ରମାଣପତ୍ର ପ୍ରଦାନ କରିବାକୁ ସମସ୍ତ ସରପଞ୍ଚ ଦାବି କରିଥିଲେ। ଏହାସହ ସାମାଜିକ ସୁରକ୍ଷା, ଜମି ପଟ୍ଟା, ମନରେଗା, ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା, ଜଳସେଚନ, ରାସ୍ତା ଓ ସ୍ୱାସ୍ଥ୍ୟ, ରାୟଗଡରେ ଡିଗ୍ରୀ କଲେଜ ସ୍ଥାପନ କରିବା ଆଦି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା। ଆଜିର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣିରେ ରାୟଗଡ଼ ପଞ୍ଚାୟତ ସମିତି ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଜ୍ୟୋତି ପ୍ରସାଦ ପାଣି, ବିଡିଓ ସନ୍ତୋଷ କୁମାର ବାରିକ, ସହକାରୀ ନିର୍ବାହୀ ଯନ୍ତ୍ରୀ ସିଦ୍ଧାର୍ଥ ଶଙ୍କର ତ୍ରିପାଠୀଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଗଣ ଓ ସ୍ଥାନୀୟ ଜନପ୍ରତିନିଧି ଉପସ୍ଥିତ ଥିଲେ। ଜିଲ୍ଲାପାଳ ଅଭିଯୋଗ ଶୁଣାଣି କରି ସେମାନଙ୍କ ସମସ୍ୟାର ସମାଧାନ କରିବାକୁ ଆୟୋଜନ କରାଯାଉଥିବା ବେଳେ ଏଠାରେ ଏହାର ବ୍ୟତିକ୍ରମ ଦେଖାଯାଉଥିବା ଅଭିଯୋଗ ହୋଇଛି। ଯେଉଁ ସ୍ଥାନରେ ଅଭିଯୋଗ ଶୁଣାଣି କରାଯାଉଛି ତାହାର ଆଖାପାଖ ପଞ୍ଚାୟତର ଲୋକଙ୍କୁ ଅଭିଯୋଗ ଶୁଣାଣି ବିଷୟରେ ଅଧିକାରୀ ସୂଚନା ଦେଉନଥିବା ଯୋଗୁ ଲୋକେ ଏସମ୍ପର୍କରେ କିଛି ଜାଣି ପାରୁନାହାନ୍ତି। ଏହି କାରଣରୁ ବହୁସଂଖ୍ୟାରେ ଆସିପାରୁନଥିବା ଅଭିଯୋଗ ହେଉଛି।

